୧୧-୧୭ ଫେବୃଆରୀ ୨୦୨୪

ରବିବାର

ସକାଳ
THE SAKALA

# ସିନ୍ଧୁରା

- ବଜେଟ୍ କମ୍ : ଆୟ ଅଧିକ
- ବଜେଟ୍ ନୁହେଁ ସଫଳତାର ମାନଦଣ୍ଡ
- ସ୍ୱଳ୍ପ ବଜେଟ୍‌ର ସଫଳ ସିନେମା
- କମ୍ ବଜେଟ୍, ବଡ଼ ଧମାକା
- କମ୍ ଖର୍ଚ୍ଚରେ କମାଲ୍ ଫିଲ୍ମ
- ବ୍ୟୟ କମ୍, ଆୟ ବେଶି

## ଦର୍ଶକ ହିଁ ଶ୍ରେଷ୍ଠ ବିଚାରକ

# କମ୍ ବଜେଟ୍ ବଡ଼ ସଫଳତା






ବଲିଉଡ୍ ହେଉ କି ସାଉଥ୍ ଫିଲ୍ମ, ଏହାର ନିର୍ମାଣ ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ନୂଆ ନୂଆ ଟେକ୍ନୋଲୋଜିର ପ୍ରୟୋଗ, ଅଭିନେତାଅଭିନେତ୍ରୀଙ୍କୁ ମୋଟା ଅଙ୍କର ପାରିଶ୍ରମିକ ପ୍ରଦାନ, ବିଦେଶରେ ସୁଟିଂ ବାବଦରେ ବଜେଟ୍ ରହୁଛି ଶହ ଶହ କୋଟି । ଏମିତି କି ଗୋଟିଏ ଗୋଟିଏ ଦୃଶ୍ୟର ସୁଟିଂ ପାଇଁ ପ୍ରଯୋଜକମାନେ ଅପର୍ଯ୍ୟାପ୍ତ ଟଙ୍କା ଖର୍ଚ୍ଚ କରିବାକୁ କୁଣ୍ଠା ପ୍ରକାଶ କରୁନାହାନ୍ତି । ଏହା ସତ୍ତ୍ୱେ ବିଗ୍ ବଜେଟ୍‌ର କେତେକ ଫିଲ୍ମ ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଯାଇଥାଏ । ଅନ୍ୟପକ୍ଷରେ କମ୍ ବଜେଟ୍‌ର ଫିଲ୍ମ ହିଟ୍ ସାବ୍ୟସ୍ତ ହୋଇଥାଏ । ଗୋଟିଏ ଫିଲ୍ମର ମନଛୁଆଁ କାହାଣୀ, ହୃଦୟସ୍ପର୍ଶୀ ଅଭିନୟ ସର୍ବଦା ଦର୍ଶକଙ୍କୁ ଆକୃଷ୍ଟ କରିଥାଏ । ଛୋଟ ଘର ବା ଗଳିକନ୍ଦିରେ ସୁଟିଂ ହୋଇଥିବା ସିନେମା ମଧ୍ୟ ଦର୍ଶକଙ୍କୁ ଭାବବିହ୍ୱଳିତ କରିଥାଏ । ଏଭଳି ଫିଲ୍ମ ଭଲ ଆୟ ବି କରିଥାଏ ।

ଭାରତୀୟ ସିନେମାରେ ଏଭଳି ଅନେକ କମ୍ ବଜେଟ୍‌ର ଫିଲ୍ମ ରହିଛି, ଯାହା ସିନେ ଦର୍ଶକଙ୍କ ମନରେ ରେଖାପାତ କରିଛି । କମ୍ ବଜେଟ୍ ହେଉ କି ବିଗ୍ ବଜେଟ୍, ସିନେମାର କାହାଣୀ ହିଁ ଦର୍ଶକଙ୍କ ମନ ଜିଣିଥାଏ । କମେଡି, ଆକ୍ସନ, ରୋମାନ୍ସ, ସାମାଜିକ ବିଷୟବସ୍ତୁ ଆଧାରରେ ନିର୍ମିତ ଫିଲ୍ମ ଦର୍ଶକଙ୍କ ଅଧିକ ପସନ୍ଦ । ବଲିଉଡ୍‌ର କମ୍ ବଜେଟ୍‌ରେ ଏମିତି ଅନେକ ଫିଲ୍ମ ତିଆରି ହୋଇଛି, ଯାହା ଖର୍ଚ୍ଚଠାରୁ ବହୁଗୁଣା ଆୟ କରିଛି । ନିକଟ ଅତୀତର ଦୁଇଟି ଫିଲ୍ମ 'ଦ କାଶ୍ମୀର ଫାଇଲ୍‌ସ' ଓ 'ଦ କେରଳା ଷ୍ଟୋରୀ'କୁ ଉଦାହରଣ ଭାବେ ନିଆଯାଇପାରେ । କେବଳ ହିନ୍ଦୀ କାହିଁକି, କମ୍ ବଜେଟ୍‌ର କେତେକ ସାଉଥ୍ ଫିଲ୍ମ, ଓଡ଼ିଆ ଫିଲ୍ମ ମଧ୍ୟ ହିଟ୍ ହୋଇଛି ।

ସୁତରାଂ ବଜେଟ୍‌କୁ ନେଇ ଫିଲ୍ମର ସଫଳତା ନିର୍ଭର କରେ ନାହିଁ । ବରଂ କେଉଁ ଫିଲ୍ମ ହିଟ୍, ସୁପର୍‌ହିଟ୍ ବା ଫ୍ଲପ୍ ହୁଏ ତାହା ଅପେକ୍ଷା ରଖେ କାହାଣୀ, ଅଭିନୟ ଉପରେ । କାରଣ ବଜେଟ୍‌ରେ କେବଳ ସିନେମା ନିର୍ମାଣର ଖର୍ଚ୍ଚ ନୁହେଁ, ବିତରଣ ଓ ମର୍କେଟିଂ ଖର୍ଚ୍ଚ ମଧ୍ୟ ଯୋଡ଼ି ହୋଇରହିଥାଏ । ଏହି ପରିପ୍ରେକ୍ଷୀରେ ଅଳ୍ପ ଖର୍ଚ୍ଚରେ ଅଧିକ ଆୟ କରିଥିବା କେତୋଟି ବଲିଉଡ୍, ଓଲିଉଡ୍ ଓ ସାଉଥ୍ ସିନେମାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା :

## କମ୍ ବଜେଟ୍: ବଡ଼ ସଫଳତା

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



# କେମିତି କଟିବ ସପ୍ତାହ

**ମେଷ**
ରବି, ସୋମ, ମଙ୍ଗଳବାରରେ ସପ୍ତାହ ପ୍ରାରମ୍ଭରୁ ସଫଳତା ହାସଲ କରିବେ । ବୁଧ, ଗୁରୁବାରରେ ଆନନ୍ଦଉଲ୍ଲାସରେ ଦିନ କଟିବ । କ୍ୟାରିୟର ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବେ । ଶୁକ୍ର, ଶନିବାରରେ କାର୍ଯ୍ୟସ୍ଥଳୀରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ ।

**ବୃଷ**
ରବି,ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ବାହାରିବ । ପ୍ରେମ ଜୀବନରେ ସଫଳତା ପାଇବେ । ବୁଧ, ଗୁରୁବାରରେ ସମାଜରେ ପ୍ରଭାବ ବଢ଼ିବ । ଶୁକ୍ର, ଶନିବାରରେ ଧନଲାଭର ନୂଆ ରାସ୍ତା ପାଇବେ । ଯୋଜନା ଅନୁସାରେ କାର୍ଯ୍ୟ କରିବେ ।

**ମିଥୁନ**
ରବି, ସୋମ, ମଙ୍ଗଳବାରରେ ସହକର୍ମୀଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ । କୌଣସି ଶୁଭ ଖବର ମିଳିପାରେ । ବୁଧ, ଗୁରୁବାରରେ ଅକସ୍ମାତ୍ ଧନଲାଭର ଯୋଗ ରହିଛି । ଶୁକ୍ର, ଶନିବାରରେ ଖର୍ଚ୍ଚ ବୃଦ୍ଧି ପାଇବାକୁ ଲାଗିବ ।

**କର୍କଟ**
ରବି, ସୋମ, ମଙ୍ଗଳବାରରେ ପରିବାର ମଧ୍ୟରେ ସମସ୍ୟା ଦେଖାଦେବ । ସାଙ୍ଗସାଥୀ ଏବଂ ଭାଇଭଉଣୀଙ୍କ ସହ ଅଧିକ ସମୟ କଟାଇବେ । ବୁଧ, ଗୁରୁବାରରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦୂରଯାତ୍ରା କରିପାରନ୍ତି । ଶୁକ୍ର, ଶନିବାରରେ ଆୟ ତୁଳନାରେ ବ୍ୟୟ ଅଧିକ ରହିବ ।

**ସିଂହ**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ବିରୋଧୀମାନଙ୍କ କୂଟଚକ୍ରାନ୍ତର ଶିକାର ହେବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପରିବାର ସହ ତୀର୍ଥସ୍ଥାନ ଭ୍ରମଣ ଯୋଗ ରହିଛି । ଶୁକ୍ର, ଶନିବାରରେ ଧାର୍ମିକ କାର୍ଯ୍ୟରେ ମନୋନିବେଶ କରିବେ ।

**କନ୍ୟା**
ରବି, ସୋମ, ମଙ୍ଗଳବାରରେ ମହିଳାମାନେ ସମସ୍ତ କାର୍ଯ୍ୟକୁ ସୁଚାରୁରୂପରେ କରିବେ । ବୁଧ, ଗୁରୁବାରରେ ବ୍ୟବସାୟରେ ଉତ୍ତମ ଫଳ ପାଇବେ । ନୂତନ ନିଯୁକ୍ତି ସୁଯୋଗ ରହିଛି । ଶୁକ୍ର, ଶନିବାରରେ କୌଣସି କଥାକୁ ନେଇ ମାନସିକ ଅବସାଦରେ ରହିପାରନ୍ତି ।

**ତୁଳା**
ରବି, ସୋମ, ମଙ୍ଗଳବାରରେ ସମସ୍ୟାର ସମାଧାନ ରାସ୍ତା ପାଇବେ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ । ବୁଧ, ଗୁରୁବାରରେ ମହିଳାମାନେ ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ । ଶୁକ୍ର, ଶନିବାରରେ **ପାରିବାରିକ ଜୀବନ ମଧୁର ହେବ ।**

**ବିଛା**
ରବି, ସୋମ, ମଙ୍ଗଳବାରରେ କର୍ମସ୍ଥଳୀରେ ଉତ୍ତମ କାର୍ଯ୍ୟକରି ପ୍ରଶଂସାର ପାତ୍ର ହେବେ । ପାରିବାରିକ ଜୀବନରେ ଦେଖାଦେଉଥିବା ଭୁଲ ବୁଝାମଣାକୁ ଦୂର କରିବା ପାଇଁ ଚେଷ୍ଟା କରିବେ । ବୁଧ, ଗୁରୁବାରରେ ଦୀର୍ଘଦିନର ଇଚ୍ଛା ପୂରଣ ହେବ । ଶୁକ୍ର, ଶନିବାରରେ ସାଙ୍ଗସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି ।

**ଧନୁ**
ରବି, ସୋମ, ମଙ୍ଗଳବାରରେ ହେଉଥିବା କାର୍ଯ୍ୟ ବିଗିଡ଼ି ଯାଇପାରେ । ମାନସିକ ଅବସାଦରେ ରହିପାରନ୍ତି । ବୁଧ, ଗୁରୁବାରରେ ମହିଳାମାନେ ସ୍ୱାଭିମାନୀ ହେବେ । ଶୁକ୍ର, ଶନିବାରରେ ଆର୍ଥିକସ୍ଥିତିରେ ଅବନତି ଦେଖାଦେଇପାରେ । ବ୍ୟବସାୟୀମାନେ ଦୂରଯାତ୍ରା କରିପାରନ୍ତି ।

**ମକର**
ରବି, ସୋମ, ମଙ୍ଗଳବାରରେ କ୍ରୋଧାନ୍ୱିତ ହୋଇ କଷ୍ଟ ପାଇପାରନ୍ତି । ନିଜକୁ ଏକୁଟିଆ ଅନୁଭବ କରିପାରନ୍ତି । ବୁଧ, ଗୁରୁବାରରେ ନୂତନ ନିବେଶ କରିବାକୁ ଦୂରେଇ ରୁହନ୍ତୁ । ଶୁକ୍ର, ଶନିବାରରେ ପୂର୍ବ ଯୋଜନାରେ କାର୍ଯ୍ୟକରି ଲାଭବାନ ହେବେ ।

**କୁମ୍ଭ**
ରବି, ସୋମ, ମଙ୍ଗଳବାରରେ ଦାମ୍ପତ୍ୟ ଜୀବନରେ ମଧୁରତା ଦେଖାଦେବ । ସାବଧାନତାର ସହ ଯାତାୟାତ କରନ୍ତୁ । ବୁଧ, ଗୁରୁବାରରେ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ଶୁକ୍ର, ଶନିବାରରେ ବ୍ୟବସାୟିକ ଲାଭ ପାଇବେ । କର୍ମକ୍ଷେତ୍ରରେ ସଫଳତା ପାଇବେ ।

**ମୀନ**
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତିତ ରହିବେ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ବୁଧ, ଗୁରୁବାରରେ ପ୍ରିୟଜନଙ୍କ ବ୍ୟବହାରରେ କଷ୍ଟ ପାଇବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ କାର୍ଯ୍ୟଭାର ବୃଦ୍ଧି ପାଇବ । ବରୋଧୀମାନେ ଦୂରେଇ ରହିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



ଭଲ ସିନେମା

# ବଜେଟ୍ କମ୍ ଆୟ ଅଧିକ



ଦିଲ୍ଲୀପ ହାଲି



















ଓଡ଼ିଆ ସିନେମା କମ୍ ବଜେଟ୍‌ରେ ହେଲେ କୌଣସି ବୈଷୟିକ ଅସୁବିଧା ନାହିଁ । କେବଳ କାହାଣୀର ଗୁରୁତ୍ୱକୁ ଯଦି ଆମେ ନେବା, ତେବେ ସେଇ ଅନୁସାରେ ପୁରୁଣା ହୁଅନ୍ତୁ କି ନୂତନ ପିଢ଼ିର କଳାକାର ଯିଏ ଭଲ ଅଭିନୟ କରୁଥିବେ ସେମାନଙ୍କୁ ନେବା ବାଞ୍ଛନୀୟ । ତେଣୁ ପ୍ରଥମେ ଏକ କର୍ମଶାଳା ମାଧ୍ୟମରେ ପ୍ରତିଟି କଳାକାରଙ୍କର ଚରିତ୍ରକୁ ନିର୍ଦ୍ଦେଶକ କର୍ମଶାଳା ମାଧ୍ୟମରେ ଅବଗତ କରାଇ ସୁଟିଂ କରାଇଲେ ସୁଟିଂର ବ୍ୟୟବହୁଳ ହୁଏ ନାହିଁ । ଏହାସହ ଖୁବ୍ କମ୍ ଦିନରେ ସୁଟିଂ ପାଇଁ ସମୟ ନିର୍ଦ୍ଧାରଣ ହୋଇପାରିବ । ନିକଟସ୍ଥ ଦର୍ଶନୀୟ ସ୍ଥାନ ହେଉ କି ଗାଁ ପରିବେଶ ସବୁକିଛି ସମୟକୁ ଲକ୍ଷ୍ୟ କରି ନିର୍ମିତ ହେଲେ ନିର୍ଦ୍ଦିଷ୍ଟ ବଜେଟ୍ ମଧ୍ୟରେ ସବୁ କିଛି ସୁଟିଂ ସରିପାରିବ । ତେଣୁ ଏହି ଦିଗ ପ୍ରତି ଧ୍ୟାନ ଦେଇ ଯେଉଁ ନିର୍ଦ୍ଦେଶକ ବା ପ୍ରଯୋଜକ ଫିଲ୍ମ ନିର୍ମାଣ କରିବେ ସେମାନେ କମ୍ ବଜେଟ୍ ହେଲେ ବି ନିଶ୍ଚୟ ସଫଳତା ପାଇବେ ।

## କାହାଣୀ ମନୋନୟନ ଗୁରୁତ୍ୱପୂର୍ଣ୍ଣ

ଭଲ ବ୍ୟବସାୟିକ ସିନେମା ହେଉ କି କଳାତ୍ମକ, ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା କାହାଣୀ ମନୋନୟନ । ବୈଷୟିକ ଦିଗ ପ୍ରତି ନିର୍ଦ୍ଦେଶକଙ୍କ ଅଭିଜ୍ଞତା ଥିବା ଆବଶ୍ୟକ । କାହାଣୀ ଅନୁସାରେ ଚରିତ୍ରମାନଙ୍କର ମୁହଁରେ ସଂଳାପଗୁଡ଼ିକ ମଧ୍ୟ ବୋଧଗମ୍ୟ ହେବା ଆବଶ୍ୟକ । ସାବଲୀଳ ସଂଳାପ ରହିଲେ ପ୍ରତିଟି ଦର୍ଶକ ନିଜକୁ ଉକ୍ତ ଚରିତ୍ର ସହ ତାରତମ୍ୟ ରହିଛି ବୋଲି ଠଉରେଇ ନେବେ । ସେଥିପାଇଁ ଦକ୍ଷ ନିର୍ଦ୍ଦେଶକ ସଂଳାପ ଲେଖକ ଓ ଚିତ୍ରନାଟ୍ୟର ଗୁରୁତ୍ୱ ବିଶେଷ ବହନ କରେ ।



## ଅବିସ୍ମରଣୀୟ ୬୦ ଦଶକ ସିନେମା

୬୦ ରୁ ୭୦ ଦଶକ ମଧ୍ୟରେ ହୋଇଥିବା ଓଡ଼ିଆ ସିନେମା କଥା ଚିନ୍ତା କଲେ ଜଣାପଡ଼େ ଯେ, ସେତେବେଳେ 'ମା', 'ଅମଡ଼ାବାଟ', 'ମଲାଜହ୍ନ',' କା', 'ମାଟିର ମଣିଷ' ପ୍ରଭୃତି ଉଲ୍ଲେଖନୀୟ। ବସନ୍ତକୁମାରୀ ପଟ୍ଟନାୟକ 'ଅମଡ଼ାବାଟ' ଉପନ୍ୟାସର ନିର୍ଦ୍ଦେଶକ ଥିଲେ ଅମର ଗାଙ୍ଗୁଲୀ, ସଙ୍ଗୀତ ବାଳକୃଷ୍ଣ ଦାଶ । ଏଇ ଦଶନ୍ଧିରେ ଓଡ଼ିଆ ନିର୍ଦ୍ଦେଶକ, ଅଭିନେତା ଅଭିନେତ୍ରୀ, ସଙ୍ଗୀତ ନିର୍ଦ୍ଦେଶକମାନେ ପ୍ରଭାବ ବିସ୍ତାରୀ ଥିଲେ । ନିର୍ଦ୍ଦେଶକ ନିତାଇ ପାଲିତ, ଗୋପାଳ ଘୋଷ, ଗୌର ଘୋଷ, ବ୍ୟୋମକେଶ ତ୍ରିପାଠୀ, ଅଭିନେତ୍ରୀ ପାର୍ବତୀ ଓରଫ୍ ଚପଳା ନାୟକ, ଗ୍ଲୋରିଆ ରାଉତ, ଅନିମା ପେଦିନୀ ପ୍ରମୁଖ ଏହି ଦଶନ୍ଧିରେ ସୁଜାତା ଆନନ୍ଦ, ପ୍ରଶାନ୍ତ ନନ୍ଦ 'ମାଟିର ମଣିଷ' ସିନେମାରେ ଅଭିନୟ କରିଥିଲେ । ଉପରୋକ୍ତ ସିନେମାରେ ବିଷାଦପୂର୍ଣ୍ଣ ନାଟକୀୟତା ଏବଂ ପ୍ରଚ୍ଛଦପଟ ସଙ୍ଗୀତ ଅଧିକ ବାସ୍ତବ ଓ ଶ୍ରୁତିମଧୁର ଥିଲା ।

# ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ

୭୦- ୮୦ ଦଶକ ମଧ୍ୟରେ ଓଡ଼ିଆ ସିନେମା ଜଗତରେ ନବଚେତନାର ଆବିର୍ଭାବ ହେଲା – ଘନଶ୍ୟାମ ମହାପାତ୍ରଙ୍କ 'କନକଲତା' ନିତାଇ ପାଲିତ୍‌ଙ୍କ 'ବନ୍ଧନ', 'ଧରିତ୍ରୀ', 'ମନଆକାଶ', 'କୃଷ୍ଣସୁଦାମ' ଓ 'ବନ୍ଧୁ ମହାନ୍ତି' ଅନ୍ୟତମ। ନାରୀକୈନ୍ଦ୍ରିକ ବିଷୟବସ୍ତୁ ମଧ୍ୟରେ 'ସ୍ତ୍ରୀ', 'ସଂସାର', 'ମମତା', 'ଅଦିନ ମେଘ', 'ଯାଯାବର', 'ଗପହେଲେ ବି ସତ', 'ଶେଷଶ୍ରାବଣ', 'ଅଭିମାନ', 'ନାଗଫାଶ', 'ଚିଲିକାତୀରେ' ଆଦି ସିନେମା କାହାଣୀର ବଳିଷ୍ଠତା ସାଙ୍ଗକୁ ଅଭିନେତା ଅଭିନେତ୍ରୀମାନଙ୍କର ନିଖୁଣ ଅଭିନୟ ଆଦି ଦୀର୍ଘ ୩୦ ବର୍ଷର ରୂପରେଖ ବଦଳାଇ ଦେଇଥିଲା। ସିନେମା ଇତିହାସରେ ଏହାକୁ ସୁବର୍ଣ୍ଣଯୁଗ ବୋଲି କୁହାଯାଉଥିଲା। ଚାରି ଦଶନ୍ଧିରେ ୧୧୫ଟି ସିନେମା ମୁକ୍ତି ଲାଭ କଲା। ତନ୍ମଧ୍ୟରେ ବିଭୂତି ପଟ୍ଟନାୟକଙ୍କ କାହାଣୀ 'ମାୟା ମିରିଗ'

ଗୋଟିଏ ସାଧାରଣ ଯୌଥ ପରିବାରର ନିଚ୍ଛକ କଥାର ବିଶେଷ ପ୍ରଭାବ ଏହି ସିନେମାରେ ଅନୁଭୂତ ହେଲା। ଏହାର ନିର୍ଦ୍ଦେଶକ ନୀରଦ ମହାପାତ୍ର ଗୋଟିଏ ବାସ୍ତବବାଦୀ କଥାକୁ ନେଇ ଏହି 'ମାୟା ମିରିଗ' ସୃଷ୍ଟି କରିଥିଲେ। ଏହି କଳାତ୍ମକ ସିନେମା ଜାତୀୟ ସ୍ତରରେ ଶ୍ରେଷ୍ଠତ୍ୱ ହାସଲ କରି ସ୍ୱର୍ଣ୍ଣକମଳ ବିଜେତା ହେଲା। ଜାତୀୟସ୍ତରରେ ମନମୋହନ ମହାପାତ୍ରଙ୍କ 'ଶୀତରାତି' ଯଦିଓ ପୁରସ୍କୃତ ହୋଇଥିଲା, ତାହା ଥିଲା ଆଞ୍ଚଳିକ ସ୍ତରରେ ଓଡ଼ିଆ ଭାଷାର ସିନେମା। ଭଲ ଓଡ଼ିଆ ସିନେମା ଅଳ୍ପ ବଜେଟ୍, ଭଲ କଳାକାର, ଭଲ କାହାଣୀକୁ ନେଇ ଅନେକ ହିଟ୍ ହୋଇଥିବା ନଜିର ରହିଛି। ବିଗ୍ ବଜେଟ୍‌ରେ ଓଡ଼ିଆ ସିନେମା ଆମ ରାଜ୍ୟ ପାଇଁ ନୁହେଁ, ଆଞ୍ଚଳିକ ସ୍ତରରେ ଓଡ଼ିଆ ସିନେମା କୋରାପୁଟ୍, ସମ୍ବଲପୁର ଓ ଦକ୍ଷିଣ ଓଡ଼ିଶାର ଅନେକ ପ୍ରେକ୍ଷାଳୟରେ ବିଶେଷ ଗ୍ରହଣୀୟ ହୁଏ ନାହିଁ। କେବଳ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକ ଓଡ଼ିଆ ସିନେମାକୁ ଦେଖିବାକୁ ବିଶେଷ ଆଗ୍ରହୀ ହୁଅନ୍ତି। ସମ୍ପ୍ରତି ସିନେମା ହଲ୍‌ଗୁଡ଼ିକ ମହାବାତ୍ୟା/କୋଭିଡ୍ ପରି ବିପତ୍ତି ସମୟରେ ବନ୍ଦ ହୋଇଗଲାଣି। ୬୦ଟି ପ୍ରେକ୍ଷାଳୟରେ ବିଗ୍ ବଜେଟ୍ ଓଡ଼ିଆ ସିନେମା କରିବା ପ୍ରଯୋଜନାଗତ ଜ୍ଞାନର ଅଭାବ ବୋଲି ଭାବି ନେବାକୁ ପଡ଼ିବ। କେବଳ ମଉଜ ମଜଲିସ୍ ପାଇଁ ଯଦି କେହି ସିନେମା କରିବେ, ତେବେ ଏହା ପରଠାରୁ ନିମ୍ନ ଧରଣର ସିନେମା କରି ନିଜକୁ ନିଜେ 'ପ୍ରଯୋଜକ' ଭାବେ ବାହାସ୍ଫୋଟ ମାରିବା।










## ଓଡ଼ିଆ ଅଳ୍ପ ସିନେମା ଶ୍ରେୟସ୍କର

ଭଲ ବଜେଟ୍ ଅର୍ଥାତ୍ କମ୍ ବଜେଟ୍ ଭଲ କାହାଣୀ ନେଇ ଦକ୍ଷ ନିର୍ଦ୍ଦେଶକଙ୍କ ଜରିଆରେ ଆମେ ଯଦି ସିନେମା କରିବା, ତେବେ ଦର୍ଶକ ତାକୁ ମନଭରି ଦେଖିବେ। କରୋନା ମହାମାରୀର ପରେ ଓଡ଼ିଆ ସିନେମା 'ଦମନ' 'ଫାଲଗୁନ୍ ଚୈତ୍ର', 'ପୁଷ୍କରା', 'ପ୍ରତୀକ୍ଷା' ପରି କମ୍ ବଜେଟ୍‌ରେ ଭଲ କାହାଣୀଭିତ୍ତିକ ସିନେମା ଏହାର ଜ୍ୱଳନ୍ତ ଉଦାହରଣ। ଏଥିରେ ବଡ଼ ବଡ଼ ଷ୍ଟାରମାନଙ୍କୁ ନ ନେଇ କେବଳ ବାବୁଶାନ ଓ ସବ୍ୟସାଚୀ ମିଶ୍ରଙ୍କୁ ବାଦ୍ ଦେଲେ ପ୍ରାୟତଃ କଳାକାର ନୂଆ ମୁହଁ। ଏମାନେ ଉଚ୍ଚକୋଟୀର ଅଭିନୟ ମାଧ୍ୟମରେ ଦର୍ଶକମାନଙ୍କ ନିକଟତର ହୋଇପାରିଛନ୍ତି। ତେଣୁ ଷ୍ଟାର୍ କଲି କରିବା ଅପେକ୍ଷା ଭଲ କାହାଣୀକୁ ନେଇ ଆଜିର ସିନେମା କରାଗଲେ ନିଶ୍ଚିତ ଭାବେ ଓଡ଼ିଆ ସିନେମାର ସ୍ଥିତି ସୁଦୃଢ଼ ହେବ। ତେବେ ବିଗ୍ ବଜେଟ୍ ଫିଲ୍ମ କରି ଫ୍ଲପ୍ ହେବା ଅପେକ୍ଷା କମ୍ ଖର୍ଚ୍ଚରେ ସଫଳ ସିନେମା କରିବା ଶ୍ରେୟସ୍କର।








## ପ୍ରଯୋଜକ ବଞ୍ଚାଓ











କଳାକାର, ନିର୍ଦ୍ଦେଶକମାନେ ଭଲ କାହାଣୀ ଭିତ୍ତିକ ସିନେମା ଦିଗରେ ହେବା ଅର୍ଥ ଓଡ଼ିଆ ସିନେମାର ଭବିଷ୍ୟତ ସୁଗମ ହେବ। ପୁରୁଣା ଅଭ୍ୟାସ ପରିତ୍ୟାଗ କରି ନୂତନ କାହାଣୀ ନେଇ ସିନେମା ହେଲେ ଅଧିକରୁ ଅଧିକ ନିକଟତର ହେବ।

୮୭ବର୍ଷ ବୟସର ସିନେମା ପୁଣି ନିଜ ଗୋଡ଼ରେ ଠିଆହୋଇ ଉଚ୍ଚତା ମାପିବାର ସମୟ ଆସିଛି। କପି କରି କେହି କେବେ ଉଚ୍ଚତାକୁ ମାପିବା ଅର୍ଥ ଭୁଶୁଡ଼ି ପଡ଼ି ନିଜେ ଆହତ ହେବା ସହ ପ୍ରଯୋଜକଙ୍କୁ କ୍ଷତବିକ୍ଷତ କରିବା ସହିତ ସମାନ। 'ଗଛ' ପରି ପ୍ରଯୋଜକଙ୍କୁ ବଞ୍ଚାନ୍ତୁ, ସିନେମା ଶିଳ୍ପର ପ୍ରଗତି ହେବ।

ଓଡ଼ିଆ ସିନେମାର ପ୍ରଭାବ ଦେଖି ମାଡ୍ରାସରୁ ଜଣେ ପ୍ରଯୋଜକ କେ.ଏଚ.ଡି ରାଓ କମ୍ ବଜେଟ୍‌ରେ ଓଡ଼ିଆ ସିନେମା ବଜାରରେ ୧୯୭୭ ମସିହାରେ ପ୍ରବେଶ କଲେ। ସେ ଓଡ଼ିଶାରେ ସିନେମା ବଜାର ଭଲ କାହାଣୀ, ଯାହାକି ସମ୍ପୂର୍ଣ୍ଣ ପାରିବାରିକ ଥିଲା। ସର୍ବନିମ୍ନ ବଜେଟ୍ ଭଲ କାହାଣୀକୁ ନେଇ 'ପୁନର୍ମିଳନ', 'ଏ ନୁହେଁ କାହାଣୀ', 'କୁଳଚନ୍ଦ୍ରମା', 'ଝିଲିମିଲି' 'ପରିବାର' ଆଦି ସିନେମା ବ୍ୟବସାୟିକ ଲାଭ କଲା। ସେ ସମୟରେ ପ୍ରଯୋଜକ ଧୀର ବିଶ୍ୱାଳ ଓଡ଼ିଶାର ପ୍ରଯୋଜକମାନଙ୍କୁ ଏକତ୍ର କଲେ। ଓଡ଼ିଶାର ଦର୍ଶକମାନଙ୍କ ଚିନ୍ତାଧାରାକୁ କେ.ଏଚ୍.ଡି ରାଓ ବୁଝିପାରିଥିଲେ। ତେଣୁ ଓଡ଼ିଆ କଳାକାରମାନଙ୍କୁ ଭଲ ପାରିଶ୍ରମିକ ଦେଇ ସିନେମା ପରେ ସିନେମା ନିର୍ମାଣ କଲେ। ଆଉ ସେହି ସବୁ ସିନେମା ହିଟ୍ ମଧ୍ୟ ହେଲା। ସେଇ ପ୍ରଭାବ ଫଳରେ ଓଡ଼ିଶାରେ ଭଲ ପାରିବାରିକ କାହାଣୀକୁ ନେଇ ଯିଏ ସିନେମା କରିବା ଆରମ୍ଭ କଲେ ତାହା ହିଟ୍ ହେଲା। ଅତୀତରେ ସିନେମା 'ପର ଝିଅ ଘର ଭାଙ୍ଗେନା' 'ସ୍ତ୍ରୀ', 'ଶେଷଶ୍ରାବଣ', 'ଡୋରା', 'ଜଗାବଳିଆ', 'ଫୁଲଚନ୍ଦନ', 'ଦଣ୍ଡାବାଳୁଙ୍ଗା', 'ଗପହେଲେ ବି ସତ', 'କାବେରୀ' ଆଦି ଆହୁରି ଅନେକ ସିନେମା ହିଟ୍ ହୋଇଛି।

ଓଡ଼ିଶା ନିର୍ଦ୍ଦେଶକ ନିତାଇ ପାଲିତ ଗୌର ଘୋଷ, ପ୍ରଶାନ୍ତ ନନ୍ଦ, ମହମ୍ମଦ ମହସୀନ୍, ରାଜୁ ମିଶ୍ର, ଶିଶିର ମିଶ୍ରଙ୍କ ପ୍ରମୁଖ ବହୁ ହିଟ୍ ସିନେମା ଆଜି ବି ସ୍ମରଣୀୟ ହୋଇ ରହିଛି। ଭଲ କାହାଣୀକୁ ସେଇ ସମୟରୁ ଗୌର ଘୋଷ ପ୍ରଡକ୍ସନ୍, ଧୀର ବିଶ୍ୱାଳ ପ୍ରଡକ୍ସନ ଦେବବ୍ରତ କର, ବସନ୍ତ ନାୟକ, ବାବୁଲାଲ ଯୋଶୀ, ଅମିୟ ପଟ୍ଟନାୟକ ପ୍ରମୁଖଙ୍କ ସିନେମା ମୁକ୍ତି ଲାଭ କଲେ ସାଧାରଣ ଦର୍ଶକ ଦେଖିବା ପାଇଁ ପ୍ରତୀକ୍ଷା କରୁଥିଲେ। ଭଲ ସିନେମା ହେଲେ ତାହା ଦର୍ଶକଙ୍କ ଆଦୃତି ଲାଭ କରିବ। ଆମେ ଚାଲି ନ ଜାଣି ବାଟର ଦୋଷ ଦେବା ନାହିଁ। ଆମ ନିର୍ଦ୍ଦେଶକମାନେ ଚାଲିବା ଶିକ୍ଷା କରନ୍ତୁ।









# ଭଲ କାହାଣୀ ହିଁ ସିନେମାର ମାପକାଠି







ଯୁବ ପ୍ରଯୋଜକ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ 'ତୁଳସୀ ଅପା', 'ପ୍ରତୀକ୍ଷା' ସିନେମାର ସଫଳତା ପରେ ତାଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କଲେ ଯେ, ସେପରି ଆଖିଦୃଶିଆ କଳାକାର ନ ନେଇ କମ୍ ବଜେଟ୍‌ରେ କିପରି ବ୍ୟବସାୟ କରୁଛନ୍ତି । ସେ ମନ୍ତବ୍ୟ ଦେଲେ ଭଲ କାହାଣୀର ଗୁରୁତ୍ୱ ରହିଛି, ତେବେ ଦର୍ଶକ ନିଶ୍ଚୟ ଦେଖିବେ । ମୋର ସମସ୍ତ ସିନେମାରୁ ଆର୍ଥିକ ଲାଭ ମିଳିଛି । ଭଲ ଷ୍ଟାର୍‌ଙ୍କୁ ନେଲେ ଯେ, କେବଳ ସିନେମା ହିଟ୍ ହେବ, ଏକଥା ଆଦୌ ବିଶ୍ୱାସ କରନ୍ତୁ ନାହିଁ । ଭଲ କାହାଣୀ ହିଁ ମୋ ସିନେମାର ମାପକାଠି । ତେଣୁ କମ୍ ବଜେଟ୍‌ରେ ଭଲ ସିନେମା କରି ଓଡ଼ିଆ ଦର୍ଶକ ମନ କିଣିବା ମୋର ଲକ୍ଷ୍ୟ । ଆଜିର ବଜାରରେ ଓଡ଼ିଶା ଯେତୋଟି ସର୍ବନିମ୍ନ ପ୍ରେକ୍ଷାଳୟ ଅଛି, ସେଇ ତୁଳନାରେ ଅର୍ଥ ବିନିଯୋଗ ହେବା ଆବଶ୍ୟକ ।

## କମ୍ ବଜେଟ୍ ହିଟ୍ ହିନ୍ଦୀ ଫିଲ୍ମ









ସେତେବେଳେ କମ୍ ବଜେଟ୍‌ରେ ଭଲ ସିନେମା କରୁଥିଲେ ହୃଷୀକେଶ ମୁଖାର୍ଜୀ । ତାଙ୍କ ନିର୍ଦ୍ଦେଶିତ 'ଅନାଡ଼ି', 'ସତ୍ୟକାମ', 'ଚୁପ୍‌କେ ଚୁପ୍‌କେ', 'ଅନୁପମା', 'ଆନନ୍ଦ', 'ଅଭିମାନ', 'ଗୁଡ଼ି', 'ଗୋଲମାଲ', 'ଚୈତାଳୀ', 'ମାଝଲି ଦିଦି', 'ଆଶୀର୍ବାଦ' ପ୍ରେକ୍ଷାଳୟରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲା । ସେହିପରି ରାଜଶ୍ରୀ ପ୍ରଡକ୍ସନ ପକ୍ଷରୁ ନୂଆ କଳାକାରମାନଙ୍କୁ ସୁଯୋଗ ଦେଇ ବିଶେଷ ସଫଳ ଲାଭ କରିଥିଲେ । ପ୍ରାୟ ଫିଲ୍ମ ହିଟ୍ ଓ ସୁପରହିଟ୍ ପର୍ଯ୍ୟାୟରେ ଥିଲା । ଯେମିତିକି 'ଦୋସ୍ତି', ଆଖିଓଁ କେ ଝରୋଖୋଁ', 'ନଦିଆ କେ ପାର୍', 'ମେନେ ପ୍ୟାର କିୟା', 'ହମ୍ ଆପକେ ହେ କୌନ୍', 'ହମ୍ ସାଥ୍ ସାଥ୍ ହେଁ', 'ବିବାହ', 'ପ୍ରେମ ରତନ ଧନ ପାଓ' ଦର୍ଶକଙ୍କ ହୃଦୟକୁ ଛୁଇଁଛି । କାରଣ ଏହି ପ୍ରଡକ୍ସନରେ ଯେତେବେଳେ ଗୋଟିଏ ଫିଲ୍ମ ପ୍ରେକ୍ଷାଳୟକୁ ଆସେ ଏହାର ବାସ୍ତବବାଦୀ, ନିଛକ ଓ ପାରିବାରିକ କାହାଣୀ ସାଧାରଣ ଦର୍ଶକଙ୍କୁ ଆମୋଦିତ କରିଥାଏ । ଯାହାକି ସାଧାରଣ ଲୋକଙ୍କ ଦ୍ୱାରା ବିଶେଷ ଆଦୃତି ଲାଭ କରିଥିଲା । ସେଥିପାଇଁ ରାଜଶ୍ରୀ ପ୍ରଡକ୍ସନର ଫିଲ୍ମରେ କୌଣସି ପ୍ରକାର ହିଂସା, ନଗ୍ନତା, ଯୌନ ଉଦ୍ଦୀପନା ଦୃଶ୍ୟକୁ ସେ ଫିଲ୍ମରେ ଆଦୌ ସ୍ଥାନିତ କରୁନଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଆ ସିନେମା ଡା. ବସନ୍ତ କୁମାର ମହାପାତ୍ରଙ୍କ କାହାଣୀରେ ଲିଖିତ ଓ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ପ୍ରଥମ ଓଡ଼ିଆ ସିନେମାର ସଫଳତାକୁ ଲକ୍ଷ୍ୟ କରି ରାଜଶ୍ରୀ ପ୍ରଡକ୍ସନ ପ୍ରଶାନ୍ତ ନନ୍ଦ ପ୍ରଥମ ନିର୍ଦ୍ଦେଶିତ 'ଶେଷ ଶ୍ରାବଣ'କୁ ହିନ୍ଦୀ ଫିଲ୍ମରେ ରୂପାନ୍ତରିତ କରି 'ନୟା' ସିନେମା ସୃଷ୍ଟି କରିଥିଲେ । ଏହା ପରେ ପରେ ପ୍ରଶାନ୍ତ ନନ୍ଦ ଫିଲ୍ମ 'ପହେଲି' କରିଥିଲେ । ସେହିପରି ନିର୍ଦ୍ଦେଶକ ବସୁ ଚାଟାର୍ଜୀ ଓ ତପନ ସିହ୍ନା ମଧ୍ୟ କମ୍ ବଜେଟ୍‌ରେ ଭଲ ସିନେମା ତିଆରି କରୁଥିଲେ ।

ହିନ୍ଦୀ ସିନେମାରେ ନିର୍ଦ୍ଦେଶକ ମନମୋହନ ଦେଶାଇ ଓ ପ୍ରକାଶ ମେହେରା ବ୍ୟବସାୟିକ ହିନ୍ଦୀ ସିନେମାର ପ୍ରଭାବ ସୃଷ୍ଟି କରିଥିଲେ । ବିଶେଷ ଭାବେ ଅଭିନେତା ଅମିତାଭ ବଚ୍ଚନଙ୍କୁ ନେଇ ସେ ସମୟରେ ଭିନ୍ନ ଭିନ୍ନ କାହାଣୀ ଅବଲମ୍ବନରେ ବ୍ୟବସାୟିକ ସ୍ଥିତି ରକ୍ଷା ପାଇବା ପାଇଁ ମଧ୍ୟ ହିଟ୍ ପର୍ଯ୍ୟାୟରେ ଥିଲେ । ଏହି ଦୁଇଜଣ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶିତ ସିନେମାରେ ଅମିତାଭ ବଚ୍ଚନଙ୍କୁ ସୁପରଷ୍ଟାର ମାନ୍ୟତା ପ୍ରଦାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ । ପରବର୍ତ୍ତୀ ସମୟରେ କିଛି ଚଳଚ୍ଚିତ୍ର ଫ୍ଲପ୍ ପର୍ଯ୍ୟାୟଭୁକ୍ତ ହେବା ପରେ ଅମିତାଭ ବଚ୍ଚନ ଭଲ ସିନେମା ପ୍ରତି ଆଗ୍ରହ ପ୍ରକାଶ କଲେ । ସେହିପରି ଶକ୍ତି ସାମନ୍ତ ମଧ୍ୟ ଭଲ ହିନ୍ଦୀ ସିନେମା ଜରିଆରେ ବହୁ କଳାକାରମାନଙ୍କୁ ସୁଯୋଗ ଦେବା ସହିତ ଫିଲ୍ମର କାହାଣୀ ଓ ବୈଷୟିକ କୌଶଳ ନୂଆ ଢାଞ୍ଚାରେ ଚିତ୍ରନାଟ୍ୟ ପ୍ରସ୍ତୁତି, ଭଲ ଭଲ କଳାକାରଙ୍କୁ ସୁଯୋଗ ଦେବା କ୍ଷେତ୍ରରେ ଶ୍ରୀ ଶକ୍ତି ସାମନ୍ତ ଭାରତୀୟ ସିନେମା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲେ ।









ଓଡ଼ିଆ ସିନେମାରେ କିଛି ନିର୍ଦ୍ଦେଶକ, ପ୍ରଯୋଜକମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ବ୍ଲାକମେଲିଂ କରି ପରବର୍ତ୍ତୀ ସମୟରେ ଅଧିକ ଅର୍ଥ ଅପବିନିଯୋଗ କରିବାକୁ ପଡ଼ିଥାଏ । ଭଲ ନିର୍ଦ୍ଦେଶକମାନେ ନିର୍ଦ୍ଦିଷ୍ଟ ବଜେଟ୍ ମଧ୍ୟରେ ରଖି କାର୍ଯ୍ୟ କରିବାକୁ ହେବ । ଓଡ଼ିଆ ସିନେମା ବଜାରରେ ଭିତ୍ତିଭୂମିକୁ ନ ଦେଖି ଆମେ ବିଗ୍ ବଜେଟ ଚଳଚ୍ଚିତ୍ର ନିର୍ମାଣ କଲେ ଲାଭ ନାହିଁ । ଓଡ଼ିଆ ସିନେମା କରିବାକୁ ହେଲେ ଓଡ଼ିଆ ଦର୍ଶକମାନଙ୍କ ରୁଚିବୋଧ ପ୍ରତି ଧ୍ୟାନ ଦେବା ଜରୁରି । ଭଲ କାହାଣୀ ଅର୍ଥାତ୍ ମୌଳିକତାର ମୂଳଦୁଆ ମଜଭୁତ । ୨୦୦/୩୦୦ ସିନେମା କଲେ ସେଥିରେ ବ୍ୟବସାୟିକ ସ୍ଥିରତା ମଧ୍ୟ ରୁହେ ନାହିଁ । ପ୍ରଯୋଜକମାନେ ପ୍ରଯୋଜନାଗତ ଜ୍ଞାନ ରଖି କାର୍ଯ୍ୟ କଲେ ଓଡ଼ିଆ ସିନେମାର ସମୃଦ୍ଧ ହେବ । ତେବେ କମ୍ ବଜେଟ୍‌ରେ ଫିଲ୍ମ ନିର୍ମାଣ କରି ମଧ୍ୟ ସଫଳତା ହାସଲ କରିହେବ । ଯଦି ସେଇ ଚଳଚ୍ଚିତ୍ରରେ ମୌଳିକ କାହାଣୀକୁ ନେଇ ତିଆରି ହେବ ଓ ଅଭିନେତାଅଭିନେତ୍ରୀମାନେ ହୃଦୟସ୍ପର୍ଶୀ ଅଭିନୟ କରିବେ । ଭଲ ବ୍ୟବସାୟିକ ସଫଳତା ମଧ୍ୟ ମିଳିବ, ଏଥିରେ ସନ୍ଦେହ ନାହିଁ । ■




# ବଜେଟ୍ ନୁହେଁ ସଫଳତାର ମାନଦଣ୍ଡ



ଡକ୍ଟର ରଜନୀ ରଞ୍ଜନ




**ସିନେମା ଉପରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଦେଲେ ଭଲ ସିନେମାଟିଏ ନିର୍ମାଣ ହୁଏ, ସେଭଳି ଭାବିବା ଭୁଲ୍। କିଛି ସିନେମା ଏଭଳି ଅଛି, ଯାହାକୁ କମ୍ ବଜେଟ୍‌ରେ ତିଆରି କରାଯିବା ପରେ ବି ତାହାକୁ ଢ଼େର୍ ଦର୍ଶକୀୟ ଆଦୃତି ମିଳିଛି। ଏହାର କାରଣ ହୁଏତ ତାହାର କାହାଣୀ ହୋଇପାରେ କିମ୍ବା ଅନ୍ୟ କିଛି। ତେବେ କମ୍ ବଜେଟ୍ ଫିଲ୍ମ ନିର୍ମାଣ ପଛର ଉଦ୍ଦେଶ୍ୟ କ'ଣ, କାହିଁକି ଜଣେ ଫିଲ୍ମ ନିର୍ମାତା କମ୍ ବଜେଟ୍‌ରେ ସିନେମା ନିର୍ମାଣ କରିବା ଦିଗରେ ଆଗକୁ ଆସନ୍ତି, ତାହାକୁ ନେଇ ଓଲିଉଡ୍‌ର ଲୋକପ୍ରିୟ ଗୀତିକାର ତଥା ସଂଳାପକାର ଡ. ରଜନୀ ରଞ୍ଜନ କହନ୍ତି, ତାହାକୁ ନେଇ ବିଶେଷ ପ୍ରତିବେଦନ।**

## କାହାଣୀକୁ ନେଇ ବଜେଟ୍

ସମସ୍ତଙ୍କ ମନରେ ଗୋଟିଏ ଧାରଣା ଥାଏ ଯେ, ବଜେଟ୍‌କୁ ନେଇ ଫିଲ୍ମ ନିର୍ମାଣ କରାଯାଏ। ମାତ୍ର ଏଭଳି କିଛି ନୁହେଁ। ସବୁବେଳେ ଫିଲ୍ମକୁ ନେଇ ବଜେଟ୍ ପ୍ରସ୍ତୁତ ହୋଇଥାଏ। ସେହିପରି କାହାଣୀର ଆବଶ୍ୟକତା ଅନୁସାରେ, ବଜେଟ୍ ଖର୍ଚ୍ଚ କରାଯାଏ। ତେବେ ଦୁଃଖର କଥା, ଆମମାନଙ୍କ ଧାରଣା ରହି ଆସିଛି, ବହୁତ ପଇସା ଖର୍ଚ୍ଚ କରି ବିଗ୍ ବଜେଟ୍ ଫିଲ୍ମ ହେଲେ ବକ୍ସ ଅଫିସ୍‌ରେ ତାହା ହିଟ୍ ସାବ୍ୟସ୍ତ ହେବ। କିନ୍ତୁ ଏହା ଭୁଲ୍। ଅତୀତରେ ବହୁ ବିଗ୍ ବଜେଟ୍‌ର ଫିଲ୍ମ ମଧ୍ୟ ଫ୍ଲପ୍ ହୋଇଛି। କାହାଣୀର ଆବଶ୍ୟକତା ଅନୁସାରେ ଫିଲ୍ମ ପାଇଁ ବଜେଟ୍ ସ୍ଥିର କରାଯାଇ ଫିଲ୍ମ ନିର୍ମାଣ ହେବା ଉଚିତ। ଅବଶ୍ୟ 'ଦମନ', 'ପ୍ରତୀକ୍ଷା' କମ୍ ବଜେଟ୍‌ରେ ତିଆରି ହୋଇଥିବାରୁ ଏହାକୁ ନେଇ ଉଦାହରଣ ଦିଆଗଲା ଯେ, କମ୍ ବଜେଟ୍‌ର ଫିଲ୍ମ ମଧ୍ୟ ସଫଳ ହୋଇଥାଏ। ଯେଉଁ କାହାଣୀ ଯେମିତି ଡିମାଣ୍ଡ କରେ, ସେମିତି ନାୟକ ନାୟିକାଙ୍କ ପାଇଁ ତା' ଉପରେ ଟଙ୍କା ଖର୍ଚ୍ଚ କରାଯାଏ। ଯଦି ଆମେ ପ୍ରତିଷ୍ଠିତ ନାୟକନାୟିକାମାନଙ୍କୁ ନେବା, ଅଧିକ ବଜେଟ୍ ଖର୍ଚ୍ଚ ହେବା ସ୍ୱାଭାବିକ କଥା। ସେହିପରି ପ୍ରସିଦ୍ଧ ନାୟକମାନେ ୧୦ -୧୨ ଲକ୍ଷ ଟଙ୍କା ନେଉଥିବା ବେଳେ ନାୟିକାମାନଙ୍କୁ ବି ତିନି-ଚାରି ଲକ୍ଷ ପାରିଶ୍ରମିକ ଦିଆଯାଉଛି। ବେଳେ ବେଳେ ଏମିତି ବି ହୋଇଛି ପ୍ରସିଦ୍ଧ ନାୟକନାୟିକାଙ୍କୁ ନେଇ ଫିଲ୍ମ ଫ୍ଲପ୍ ବି ହୋଇଛି।



## ବଜେଟ୍ କମ୍ ଓ ବେଶିର ଭିନ୍ନ କାରଣ

ବଜେଟ୍ ବଢ଼ିବା ଓ କମିବାର ବି ଅନେକ କାରଣ ଅଛି। କାହାଣୀ ଯଦି ଆବଶ୍ୟକ କରୁ ନାହିଁ, ତାହେଲେ ବିଦେଶରେ ସୁଟିଂ କରିବା କିଛି ଦରକାର ନାହିଁ। ସିନେମାରେ ଅନାବଶ୍ୟକ ଦୃଶ୍ୟଗୁଡ଼ିକୁ ସଂଯୋଜିତ କରିବା ତଥା ଏହାର କାହାଣୀ ସହିତ କୌଣସି ସାମଞ୍ଜସ୍ୟ ନ ରହିବା ମଧ୍ୟ ବଜେଟ୍ ବୃଦ୍ଧିର କାରଣ। ସେପଟେ ରୁଟିନ୍ ଅନୁସାରେ ଫିଲ୍ମ ସୁଟିଂ କରାଗଲେ, ବଜେଟ୍ କମ୍ ହୋଇପାରିବ। ତା'ସହ ବୈଷୟିକ ଦୃଷ୍ଟିକୋଣ ଓ କାହାଣୀକୁ ପ୍ରାଧାନ୍ୟ ଦେଲେ ବଜେଟ୍‌କୁ ସଙ୍କୁଚିତ କରିବା ସମ୍ଭବ। ନ ହେଲେ କମ୍ ସଂଖ୍ୟକ ଟେକ୍ନିସିଆନ୍, କଳାକାରଙ୍କୁ ସାମିଲ କରିବା। ଅନ୍ୟପଟେ ସେତେବେଳେ ରିଲ୍ ବ୍ୟବହାର ହେଉଥିଲା। କେନ୍ ପାଇଁ ବହୁତ ପଇସା ପଡୁଥିଲା। ଏ ଦୃଷ୍ଟିରୁ ବଜେଟ୍ ବଢ଼ିବା ସ୍ୱାଭାବିକ ଥିଲା।






## ଟେଲି ଫିଲ୍ମର ବଜେଟ୍ ଭିନ୍ନ

ଏବେ ଯେଉଁ ଟେଲି ଫିଲ୍ମ ନିର୍ମାଣ ହେଉଛି, ତାହା ମାଧ୍ୟମରେ ବଜେଟ୍ କମ୍ ରଖାଯାଉଛି। ପ୍ରାୟ ହଲ୍ ଅପେକ୍ଷା ଅଧାଅଧି ଟଙ୍କାରେ ଏହାକୁ ନିର୍ମାଣ କରାଯାଉଛି। ଏହି ଫିଲ୍ମର ବି ଦର୍ଶକୀୟ ଆଦୃତି ରହିଛି। କାରଣ ଟେଲିଭିଜନ୍ ସିନେମାର କାହାଣୀ ଭିନ୍ନ ରହୁଥିବା ବେଳେ ଦର୍ଶକ ସଂଖ୍ୟା ବି ସ୍ୱତନ୍ତ୍ର। ଦର୍ଶକୀୟ ରୁଚି ଭିନ୍ନତା ନେଇ ସେସବୁ ସିନେମା ନିର୍ମାଣ ହେଉଛି। ସେଗୁଡ଼ିକର ବଜେଟ୍ ସହିତ ହଲ୍ ଫିଲ୍ମର ବଜେଟ୍ ତୁଳନା କରିବା ଠିକ୍ ହେବ ନାହିଁ।

## ଲୋକପ୍ରିୟତା ସାଉଁଟୁଛି କମ୍ ବଜେଟ୍ ସିନେମା

ଅତୀତରେ ଏକାଧିକ ସିନେମା କମ୍ ବଜେଟ୍‌ରେ ନିର୍ମାଣ ହୋଇଥିବା ବେଳେ ସେସବୁ ଲୋକପ୍ରିୟତା ସାଉଁଟୁଛି। ସେତେବେଳ ସମୟକୁ ଦେଖିଲେ, ଯେଉଁ ଫିଲ୍ମ ତିଆରି ହେଉଥିଲା, ତାହାର ବଜେଟ୍ କମ୍ ଥିଲା। 'ମମତା'କୁ ଅଢ଼େଇ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିବା ବେଳେ 'ଯାଯାବର' ସିନେମାର ବଜେଟ୍ ଥିଲା ସାଢ଼େ ୪ ଲକ୍ଷ। ଅବଶ୍ୟ ସେତେବେଳ ବଡ଼ ବଜେଟ୍ ଫିଲ୍ମ ଥିଲା 'ଯାଯାବର'। ପରବର୍ତ୍ତୀ କାଳରେ ପ୍ରଶାନ୍ତ ନନ୍ଦ, ମହମ୍ମଦ ମହସୀନ ହୁଅନ୍ତୁ କିମ୍ବା ତା' ପରବର୍ତ୍ତୀ ପର୍ଯ୍ୟାୟରେ ହର ପଟ୍ଟନାୟକ ହାଇ ବଜେଟ୍ ସିନେମା କଲେ ଏବଂ ହିଟ୍ ସାବ୍ୟସ୍ତ ହେଉଥିଲା। ଅନ୍ୟପଟେ ବସନ୍ତ ସାହୁଙ୍କ କିଛି ଫିଲ୍ମ କମ୍ ବଜେଟ୍ ନିର୍ମାଣ ହୋଇ ବି ସଫଳତା ସାଉଁଟୁଛି। 'ମା' ଗୋଜବାୟାଣୀ' କଥାଚିତ୍ର ପାଇଁ ବେଶି ଖର୍ଚ୍ଚ ହୋଇ ନ ଥିଲେ ବି ତାହା ସୁପରହିଟ୍ ସାବ୍ୟସ୍ତ ହିଟ୍ ହୋଇଥିଲା। ଏଭଳି ଅନେକ ସିନେମା ରହିଛି।




## ଫିଲ୍ମକୁ ନେଇ ବଜେଟ୍

ବର୍ତ୍ତମାନ ଓଡ଼ିଶାରେ ମାତ୍ର ୫୦ରୁ ୬୦ ହଲ୍। ପୁଣି ମଲ୍‌ଟିପ୍ଲେକ୍ସରେ ସିନେମାକୁ ଦେଖିବା ପାଇଁ ସ୍ୱତନ୍ତ୍ର ଦର୍ଶକ ଅଛନ୍ତି। ଏଣୁ ହଲ୍‌ରୁ ସିନେମା କେତେ ଆୟ କରିବ, ତାହାକୁ ମଧ୍ୟ ଦୃଷ୍ଟି ଦେବା ଦରକାର। ଅନ୍ୟ ଏକ କାରଣ ହେଉଛି ସିନେମା ପ୍ରଚାର ପ୍ରସାରରେ ମଧ୍ୟ ବଜେଟ୍‌ର ବଡ଼ ଭାଗ ଖର୍ଚ୍ଚ କରିବାକୁ ହୁଏ, ଯାହାକି ବଜେଟ୍ ସହ ଜଡ଼ିତ। ଏଣୁ ସିନେମାର କାହାଣୀ ସେହି ଅନୁସାରେ ପ୍ରସ୍ତୁତ ହେବା ଦରକାର। ବର୍ତ୍ତମାନ ସମୟରେ ସେହି ଚିରାଚରିତ ଶଗଡ଼ଗୁଳାରେ କାହାଣୀ ଚାଲିବ ନାହିଁ। ଭାଇ ଭାଗ, ସାଙ୍ଗସାଥୀ, ପ୍ରତିଶୋଧ ବିଷୟବସ୍ତୁରେ ପରିବର୍ତ୍ତନ ଘଟୁଛି। ବର୍ତ୍ତମାନ ସମାଜରେ ବହୁ ସମସ୍ୟା ଦେଖାଦେଲାଣି। ତାହା ଉପରେ ଧ୍ୟାନ ଦେଇ କାହାଣୀକୁ ଆଗକୁ ନେବାକୁ ପଡ଼ିବ। ଏହାସହ ବାସ୍ତବଧର୍ମୀ ଚଳଚ୍ଚିତ୍ର କରିବାକୁ ପଡ଼ିବ। ବଜେଟ୍ ମାନଦଣ୍ଡ ନୁହେଁ। କାହାଣୀ ପାଇଁ ଯାହା ଦରକାର, ସେଭଳି ଖର୍ଚ୍ଚ କରିବାକୁ ପଡ଼ିବ।

# ସ୍ୱଳ୍ପ ବଜେଟ୍‌ର
# ସଫଳ ସିନେମା

ସାଧାରଣତଃ ସମସ୍ତଙ୍କ ଧାରଣା ଅଛି, ବଡ଼ ବଡ଼ ତାରକାଙ୍କୁ ନେଇ ବିଗ୍ ବଜେଟ୍‌ରେ ସିନେମା ତିଆରି କରିବା ଦ୍ୱାରା ଫିଲ୍ମ ସୁପରହିଟ୍ ସାବ୍ୟସ୍ତ ହୋଇଥାଏ । ସେହିପରି ଫିଲ୍ମ ନିର୍ମାତାମାନେ ମଧ୍ୟ ଫିଲ୍ମକୁ ବିଗ୍ ବଜେଟ୍‌ରେ ତିଆରି କରିବା ପାଇଁ ସେଟ୍‌ଠୁ ଆରମ୍ଭ କରି ତାରକାଙ୍କ ବେଶ ପୋଷାକ ଉପରେ ଟଙ୍କାକୁ ପାଣି ଭଳି ଖର୍ଚ୍ଚ କରିବାକୁ ପଛାଇ ନ ଥାନ୍ତି । ଏହା ସତ୍ତ୍ୱେ ବି ଫିଲ୍ମ ସଫଳ ହୋଇ ନ ଥାଏ । ସେହିପରି ବଲିଉଡ୍‌ରେ କିଛି ସିନେମା ଏଭଳି ନିର୍ମାଣ ହୋଇଛି, ଯାହାକୁ କମ୍ ବଜେଟ୍‌ରେ ତିଆରି କରାଯିବା ସତ୍ତ୍ୱେ ବକ୍ସ ଅଫିସ୍‌ରେ ଭଲ ଆୟ ମଧ୍ୟ କରିଥିଲା । ସ୍ୱଳ୍ପ ବଜେଟ୍‌ରେ ନିର୍ମିତ ସେଭଳି କେତେକ ସିନେମାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।




## ଓଏମ୍‌ଜି
**୫୦ କୋଟି**

୨୦୨୩ ଅଗଷ୍ଟରେ ପ୍ରେକ୍ଷାଳୟକୁ ଆସିଥିଲା 'ଓଏମ୍‌ଜି-୨' । ଏଥିରେ ଅକ୍ଷୟ କୁମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ । ଅମିତ ରାୟଙ୍କ ନିର୍ଦ୍ଦେଶିତ ଏହି ସିନେମାର ବଜେଟ୍ ଥିଲା ୫୦ କୋଟି । ସେହିପରି ଏହା ବକ୍ସ ଅଫିସ୍‌ରେ ବିଶ୍ୱବ୍ୟାପୀ ୨୨୧.୦୮ କୋଟି ଟଙ୍କା ଆୟ କରିଥିଲା । ଅବଶ୍ୟ ଏହି ସିନେମାଟି ଥିଲା ୨୦୧୨ରେ ମୁକ୍ତିଲାଭ କରିଥିବା ସିନେମା 'ଓଃ ମାଇ ଗଡ୍ ସିକ୍ୱେଲ୍ ।'



## ଦ କେରଳା ଷ୍ଟୋରି
**୧୫-୨୦ କୋଟି**

୨୦୨୩ର ସବୁଠୁ ଚର୍ଚ୍ଚିତ ସିନେମା ଥିଲା 'ଦ କେରଳା ଷ୍ଟୋରି' । ଅଦା ଶର୍ମାଙ୍କ ଏହି ଫିଲ୍ମ ରିଲିଜ୍ ହେବା ମାତ୍ରେ ହିଁ ବକ୍ସଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ସିନେମାଟିକୁ ସ୍ୱଳ୍ପ ବଜେଟ୍‌ରେ ନିର୍ମାଣ କରାଯାଇଥିଲା । ଏହାର ବଜେଟ୍ ଥିଲା ୧୫-୨୦ କୋଟି ଟଙ୍କା ବଜେଟ୍‌ରେ ନିର୍ମାଣ କରାଯାଇଥିଲା । ତେବେ ସିନେମାଟି ୩୦୩. ୯୭ କୋଟି ଟଙ୍କା ଆୟ କରିଥିଲା ।



## ଡ୍ରିମ୍ ଗାର୍ଲ-୨
**୩୫ କୋଟି**

ଲୋକପ୍ରିୟ ଅଭିନେତା ଆୟୁଷ୍ମାନ ଖୁରାନଙ୍କ ଅଭିନୀତ ଏହି ସିନେମାଟି ଥିଲା ମଧ୍ୟ ଖୁବ୍ କମ୍ ବଜେଟ୍‌ର । ଫିଲ୍ମର ବଜେଟ୍ ଥିଲା ମାତ୍ର ୩୫ କୋଟି । ଏହା ସତ୍ତ୍ୱେ ମଧ୍ୟ ଫିଲ୍ମଟିକୁ ଦର୍ଶକୀୟ ଆଦୃତି ମିଳିଥିଲା । ତା'ସହ ଫିଲ୍ମଟି ମଧ୍ୟ ବକ୍ସଅଫିସ୍‌ରେ ୧୦୦ କୋଟି ଟଙ୍କା ଆୟ କରିଥିଲା ।



## ଫୁକ୍‌ରେ ୩
**୫୦ କୋଟି**

ଫୁକ୍‌ରେ ଫ୍ରାଞ୍ଚାଇଜ୍‌ର ତୃତୀୟ ଭାଗ ହେଉଛି ଫୁକ୍‌ରେ-୩ । ଏହାକୁ ମଧ୍ୟ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ଏହି ଫିଲ୍ମର ବଜେଟ୍ ଥିଲା ପ୍ରାୟ ୫୦ କୋଟି । ବକ୍ସ ଅଫିସ୍‌ରେ ଏହା ୧୨୭.୦୬ କୋଟି ଟଙ୍କା ଆୟ କରିଥିଲା । ଏଥିରେ ରିଚା ଚଢା, ପଙ୍କଜ ତ୍ରିପାଠୀଙ୍କ ଭଳି କଳାକାରଙ୍କ ଅଭିନୟକୁ ଦେଖିବାକୁ ମିଳିଥିଲା ।



## ଜରା ହଟ୍‌କେ ଜରା ବଚ୍‌କେ
**୫୦-୬୦ କୋଟି**

ଭିକ୍କି କୌଶଳ ଏବଂ ସାରା ଅଲୀ ଖାନ୍ ଅଭିନୀତ ସିନେମା 'ଜରା ହଟ୍‌କେ ଜରା ବଚ୍‌କେ' ଖୁବ୍ କମ୍ ବଜେଟ୍‌ରେ ନିର୍ମାଣ କରାଯାଇଥିଲା । ଫିଲ୍ମଟିକୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ୫୦-୬୦ କୋଟି ଟଙ୍କା ବଜେଟ୍‌ରେ ନିର୍ମାଣାଧୀନ ଏହି ସିନେମା ୧୧୬ କୋଟି ଟଙ୍କା ଆୟ କରିଥିଲା ।



## ସତ୍ୟ ପ୍ରେମ କି କଥା
**୭୦ କୋଟି**

କାର୍ତ୍ତିକ ଆର୍ଯ୍ୟନ ଏବଂ କିଆରା ଆଡ୍‌ଭାନୀଙ୍କ ଅଭିନୀତ ସିନେମା 'ସତ୍ୟ ପ୍ରେମ କି କଥା' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଏହି ସିନେମାର ବଜେଟ୍ ଥିଲା ୭୦ କୋଟି । ସେହିପରି ଫିଲ୍ମଟି ବକ୍ସ ଅଫିସ୍‌ରେ ୧୧୭.୭୭ କୋଟି ଟଙ୍କାର ବ୍ୟବସାୟ କରିଥିଲା ।




## ଟୁଏଲଭ୍‌ଥ ଫେଲ୍

**୨୭ କୋଟି**

୨୦୨୩ ଅକ୍ଟୋବର ୨୭ରେ ମୁକ୍ତିଲାଭ କରିଥିବା ‘ଟୁଏଲଭ୍‌ଥ ଫେଲ୍’ ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ବିକ୍ରାନ୍ତ ମେସି। ଏହାକୁ ୨୭ କୋଟି ଟଙ୍କା ବଜେଟ୍‌ରେ ନିର୍ମାଣ କରାଯାଇଥିଲା। ସେହିପରି ଉକ୍ତ ସିନେମା ୨୭.୫୪ କୋଟି ପାଖାପାଖି ଆୟ କରିବାରେ ସଫଳ ହୋଇଥିଲା। ସିନେମାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ବିଧୁ ବିନୋଦ ଚୋପ୍ରା।

## ଏ ୱେଡନସଡେ

**୫ କୋଟି**

ଆତଙ୍କବାଦୀଙ୍କ କାହାଣୀକୁ ନେଇ ମାତ୍ର ୫ କୋଟି ବଜେଟ୍‌ରେ ନିର୍ମାଣ ହୋଇଥିବା ସିନେମା ‘ଏ ୱେଡନସଡେ’ର ବକ୍ସ ଅଫିସ୍ ଆୟ ଥିଲା ପ୍ରାୟ ୩୦ କୋଟି ଟଙ୍କା। ନୀରଜ ପାଣ୍ଡେ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଏଥିରେ ନସିରୁଦ୍ଦିନ ଶାହା, ଅନୁପମ ଖେର, ଜିମି ଶେରଗଲ, ଦୀପଲ ଶାଁ ଓ ଅମିର ବଶୀରଙ୍କ ଅଭିନୟକୁ ଦର୍ଶକେ ବେଶ ପସନ୍ଦ କରିଥିଲେ। ଏହି ଥ୍ରୀଲର ଓ କ୍ରାଇମ୍ ସିନେମା ୫୬ ତମ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାରରେ ଇନ୍ଦିରା ଗାନ୍ଧୀ ପୁରସ୍କାର ସହ ବହୁ ପୁରସ୍କାର ଜିତିଛି।







## ତେରେ ବିନ୍ ଲାଡେନ୍

**୫ କୋଟି**

କମେଡି ଡ୍ରାମା ଉପରେ ଆଧାରିତ ‘ତେରେ ବିନ୍ ଲାଡେନ୍’ ସିନେମା ୫ କୋଟି ବଜେଟ୍‌ରେ ନିର୍ମାଣ ହୋଇଥିଲା। ତେବେ ସିନେମାଟି ତା’ର ୩ ଗୁଣା ଅର୍ଥାତ ୧୫ କୋଟି ରୋଜଗାର କରି ବକ୍ସ ଅଫିସରେ କମାଲ୍ କରିଥିଲା। ଜଣେ ହତୋତ୍ସାହିତ ରିପୋର୍ଟରଙ୍କୁ ନେଇ ଏହି ସିନେମାର କାହାଣୀ ଗତିଶୀଳ। ଏହି ଅଭିଷେକ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅଲି ଜଫର, ସୁଗନ୍ଧା ଗର୍ଗଙ୍କ ସହ ପ୍ରଦ୍ୟୁମ୍ନ ସିଂ ଅଭିନୟ କରିଛନ୍ତି।







## ଭେଜା ଫ୍ରାଏ

**୬୦ ଲକ୍ଷ**

୨୦୦୭ ମସିହାର କମେଡି ତଥା ଥ୍ରିଲ୍‌ରଧର୍ମୀ ଏହି ସିନେମା ୬୦ ଲକ୍ଷ ଟଙ୍କାରେ ନିର୍ମାଣ କରାଯାଇଥିଲା। ଯାହା ବକ୍ସ ଅଫିସ୍‌ରେ ସୁପର୍‌ହିଟ୍ ସାବ୍ୟସ୍ତ ହୋଇଥିଲା। ଦମ୍‌ଦାର କାହାଣୀ ପାଇଁ ସିନେମାଟି ସଫଳ ହୋଇଥିଲା। ଏଥିରେ ରଜତ କପୁର,ବିନୟ ପାଠକ, ସାରିକା, ମିଲିନ୍ଦ ସୋମନ ଓ ରଣବୀର ସୌରୀଙ୍କ ଭଳି କଳାକାର ଅଭିନୟ କରି ଏହାକୁ ସଫଳତାର ସ୍ୱାଦ ଚଖାଇ ପାରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ହଲିଉଡ୍‌ରେ ‘ଡିନର୍ ଫର୍ ସ୍ମକ୍’ନାମରେ ମଧ୍ୟ ନିର୍ମାଣ କରାଯାଇଥିଲା।

## ଲିପ୍‌ଷ୍ଟିକ୍ ଅଣ୍ଡର୍ ମାଇ ବୁର୍ଖା

**୬ କୋଟି**

ଅଲଙ୍କୃତ ଶ୍ରୀବାସ୍ତବଙ୍କ ନିର୍ଦ୍ଦେଶିତ ‘ଲିପ୍‌ଷ୍ଟିକ୍ ଅଣ୍ଡର୍ ମାଇ ବୁର୍ଖା’ ସିନେମା ମାତ୍ର ୬ କୋଟି ଟଙ୍କାରେ ତିଆରି ହୋଇଥିଲା। ଯାହାକି ୨୬.୬୮ କୋଟି ଆୟ କରି ‘ସ୍ପିରିଟ୍ ଅଫ୍ ଏସିଆ’ ପୁରସ୍କାରରେ ପୁରସ୍କୃତ ବି ହୋଇଛି। ବଲିଉଡ୍‌ର ଏହି ସିନେମା ଚାରି ଜଣ ମହିଳାଙ୍କ ଗୁପ୍ତ ଜୀବନର କାହାଣୀକୁ ନେଇ ସଫଳତା ସାଉଁଟିଛି। ସିନେମାରେ ରତ୍ନା ପାଠକ, କୋଙ୍କଣା ସେନ ଶର୍ମା, ଅହନା କୁମରା, ପ୍ଲୋବିତା ବୋରଠାକୁରଙ୍କ ଅଭିନୟ ଦର୍ଶକେ ବେଶ୍ ପସନ୍ଦ କରିଥିଲେ।

## ଫସ୍ ଗଏରେ ଓବାମା

**୬ କୋଟି**




କମେଡି ଓ ଡ୍ରାମା ଉପରେ ପର୍ଯ୍ୟବସିତ ‘ଫସ୍ ଗଏରେ ଓବାମା’ର ବ୍ୟୟ ଥିଲା ୬ କୋଟି ଟଙ୍କା। ତଥାପି ଏହା ୧୪ କୋଟି ଆୟ କରି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଛି। ଆମେରିକାରେ ଦେଖାଯାଇଥିବା ବୈଶ୍ୱିକ ମାନ୍ଦାବସ୍ଥା ଉପରେ ସିନେମାର ପୃଷ୍ଠଭୂମି ଆଧାରିତ। ସମୀକ୍ଷକଙ୍କ ଦ୍ୱାରା ସକାରାତ୍ମକ ସମୀକ୍ଷା ପାଇଥିବା ଏହି ସିନେମାରେ ଅଭିନୟ କରିଥିଲେ ରଜତ କପୁର, ନେହା ଧୂପିୟା, ମନୁ ଋଷି, ସଞ୍ଜୟ ମିଶ୍ର ଓ ଅମୋଲ ଗୁପ୍ତା ପ୍ରମୁଖ।



## ୫ ଲକ୍ଷ ବଜେଟ୍‌ରେ ନିର୍ମିତ ‘କିସ୍‌ମତ୍’, ଚାଲିଥିଲା ୩ ବର୍ଷ

ଆଜିକାଲି ଫିଲ୍ମର ସଫଳତା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏପରିକି ଏନେଇ କଳାକାରଙ୍କୁ ମଧ୍ୟ କୋଟି କୋଟି ଟଙ୍କା ପାରିଶ୍ରମିକ ଦିଆଯାଉଛି। ତେବେ ୮୦ ବର୍ଷ ତଳେ ୫ ଲକ୍ଷ ଟଙ୍କାରେ ସିନେମା ନିର୍ମାଣ କରିବା କିଛି ଛୋଟ କଥା ନ ଥିଲା। ସେ ସମୟରେ ଏମିତି ବି ଗୋଟିଏ ସିନେମା ଥିଲା, ଯାହାକୁ କମ୍ ବଜେଟ୍‌ରେ ତିଆରି କରାଯାଇଥିଲା ହେଁ ବକ୍ସ ଅଫିସ୍‌ରେ ଭଲ ଆୟ କରିଥିଲା। ୧୯୪୩ରେ ମୁକ୍ତିଲାଭ କରିଥିଲା ହିନ୍ଦୀ କଥାଚିତ୍ର ‘କିସ୍‌ମତ୍’। ଅଶୋକ କୁମାର, ମୁମତାଜ ଶାନ୍ତି, ଶାହ ନୱାଜ ପ୍ରମୁଖ କଳାକାର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ। ସିନେମାର ବଜେଟ୍ ଥିଲା ୫ ଲକ୍ଷ ଟଙ୍କା। ଏହା ସତ୍ତ୍ୱେ ସିନେମାଟି କୋଟିଏ ଟଙ୍କା ଆୟ କରିଥିଲା। କେବଳ ସେତିକି ନୁହେଁ, ଏହା ଥିଲା ବଲିଉଡ୍‌ର ପ୍ରଥମ କୋଟିଏ ଟଙ୍କା ଆୟ କରିଥିବା ସିନେମା। ଏହି ସିନେମାକୁ ନେଇ ଆଉ ଏକ ରେକର୍ଡ ଅଛି। ଯାହା ବାବଦରେ ଅନେକ ଜାଣନ୍ତି ନାହିଁ। ଥିଏଟର୍‌ରେ ଏହି ସିନେମା କ୍ରମାଗତ ତିନି ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ଏତେ କମ୍ ବଜେଟ୍‌ରେ କୋଟିଏ ଟଙ୍କା ଆୟ କରିଥିବା ଏହି ସିନେମାର ରେକର୍ଡକୁ ଆଜିଯାଏଁ କେହି ଭାଙ୍ଗି ନାହାନ୍ତି।

# କମ୍ ବଜେଟ୍ ବଡ଼ ଧମାକା

ବଲିଉଡ୍ ଫିଲ୍ମ ନିର୍ମାଣରେ ବଜେଟ୍‌ର ମୁଖ୍ୟ ଭୂମିକା ରହିଥାଏ । ତେଣୁ ସିନେ ଇଣ୍ଡଷ୍ଟ୍ରୀରେ ବିଗ୍ ବଜେଟ୍‌କୁ ନେଇ ସବୁବେଳେ ଜୋର୍ ଚର୍ଚ୍ଚା ହୁଏ । ବଡ଼ ବଡ଼ ଷ୍ଟାର୍‌ଙ୍କୁ ନେଇ ନିର୍ମିତ ବଡ଼ ବଜେଟ୍ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହେବା ସ୍ୱାଭାବିକ । ତେବେ ଏମିତି ଅନେକ ଫିଲ୍ମ ରହିଛି, ଯାହା କମ୍ ବଜେଟ୍‌ରେ ତିଆରି ହୋଇ ସିନେ ଦର୍ଶକଙ୍କ ହୃଦୟକୁ ଛୁଇଁବାରେ ସଫଳ ମଧ୍ୟ ହୋଇଛି । ଏପରିକି କମ୍ ପ୍ରଚାରପ୍ରସାର ସତ୍ତ୍ୱେ ଭଲ ବ୍ୟବସାୟ ମଧ୍ୟ କରିଛି । କମ୍ ବଜେଟ୍‌ରେ ତିଆରି ହୋଇ ସଫଳତାର ଲାଭ କରିଥିବା ସେହିଭଳି କେତୋଟି ହିନ୍ଦୀ ଚଳଚ୍ଚିତ୍ରକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## ଦ କାଶ୍ମୀର ଫାଇଲ୍‌ସ

୨୦୨୨ ମସିହାରେ ରିଲିଜ୍ ହୋଇଥିଲା ବିବେକ ଅଗ୍ନିହୋତ୍ରୀଙ୍କ 'ଦ କାଶ୍ମୀର ଫାଇଲ୍‌ସ' । ଏହି ଫିଲ୍ମଟି ରେକର୍ଡ ସଂଖ୍ୟକ ବ୍ୟବସାୟ କରିଥିଲା । 'ଦ କାଶ୍ମୀର ଫାଇଲ୍‌ସ' ୧୫ କୋଟି ଟଙ୍କାରେ ନିର୍ମିତ ହୋଇଥିଲା । ତେବେ ଏହି ଫିଲ୍ମଟି ୨୫୨ କୋଟି ଟଙ୍କା ବ୍ୟବସାୟ କରି ରେକର୍ଡ ସୃଷ୍ଟି କରିଥିଲା । ରିଲିଜ୍ ପୂର୍ବରୁ ଏହି ସିନେମାକୁ ନେଇ ବିବାଦ ଉଠିଥିଲା । ବାଦବିବାଦ ସତ୍ତ୍ୱେ 'ଦ କାଶ୍ମୀର ଫାଇଲ୍‌ସ' ବ୍ଲାକ୍‌ବଷ୍ଟର୍ ଫିଲ୍ମ ଭାବେ ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଢେର୍ ଚର୍ଚ୍ଚା ସାଉଁଟି ଥିଲା । ଫିଲ୍ମ ମୁକ୍ତିଲାଭ କରିବାର ପ୍ରଥମ ଦିନରେ ୩.୫୫ କୋଟି ଟଙ୍କାର ବ୍ୟବସାୟ କରିଥିଲା । ଗୋଟିଏ ସପ୍ତାହ ମଧ୍ୟରେ ଏହା ୧୫୦ କୋଟି କ୍ଲବ୍‌ରେ ପହଞ୍ଚି ସାରିଥିଲା । କାଶ୍ମୀର ପଣ୍ଡିତଙ୍କ ନିର୍ଯାତନାର କରୁଣ କାହାଣୀକୁ ନେଇ ନିର୍ମିତ ହୋଇଛି ଫିଲ୍ମ 'ଦ କାଶ୍ମୀର ଫାଇଲ୍‌ସ' । ନବେ ଦଶକରେ କାଶ୍ମୀର ପଣ୍ଡିତମାନଙ୍କ ପାଇଁ ସେମାନଙ୍କ ଘର ହିଁ ଅସୁରକ୍ଷିତ ସ୍ଥାନ ପାଲଟି ଯାଇଥିଲା । ଜୀବନ ବଞ୍ଚାଇବା ପାଇଁ ସେମାନେ କୋଟି କୋଟି ଟଙ୍କାର ସମ୍ପତ୍ତି ଛାଡ଼ି ରାତାରାତି ପଳାୟନ କରିଥିଲେ । ଆଉ ଏବେ ସେମାନେ ନିଜ ଦେଶରେ ଶରଣାର୍ଥୀ ଜୀବନ ଜିଉଁଛନ୍ତି । ନିଖୁଣ ଅଭିନୟ, ଦମ୍‌ଦାର୍ କାହାଣୀ, ବଳିଷ୍ଠ ନିର୍ଦ୍ଦେଶନା ଯୋଗୁଁ ଏହି ଫିଲ୍ମଟି କେବଳ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଚର୍ଚ୍ଚାରେ ରହିଥିଲା । 'ଦ କାଶ୍ମୀର ଫାଇଲ୍ସ'ର ଅଭିନେତା,ଅଭିନେତ୍ରୀମାନଙ୍କ ଜୀବନ୍ତ ଓ ହୃଦୟସ୍ପର୍ଶୀ ଅଭିନୟ ଦର୍ଶକଙ୍କୁ ତାଜୁବ୍ କରିଦିଏ । ବଲିଉଡ୍‌ର ବଳିଷ୍ଠ ଅଭିନେତା ଅନୁପମ ଖେର୍‌ଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟକୁ ଆଲୋଡ଼ିତ କରିଥିଲା । ପୁଷ୍କରନାଥ ପଣ୍ଡିତ ଭୂମିକାରେ ଅନୁପମଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କ ପ୍ରାଣରେ ରୋମାଞ୍ଚ ସୃଷ୍ଟି କରେ । ସେହିପରି ପ୍ରଫେସର୍ ରାଧିକା ମେନନ୍ ଭୂମିକାରେ ପଲ୍ଲବୀ ଯୋଶୀ, କ୍ରିଷ୍ଣା ପଣ୍ଡିତ ଭୂମିକାରେ ଦର୍ଶନ କୁମାର ଚମତ୍କାର ଅଭିନୟ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ମିଥୁନ ଚକ୍ରବର୍ତ୍ତୀ, ପ୍ରକାଶ ବେଲାୱଡି, ପୁନିତ ଇସାର୍, ଅତୁଲ ଶ୍ରୀବାସ୍ତବ, ଭାଷା ସୁମ୍ବଲି, ଚିନ୍ମୟ ମାଣ୍ଡେଲକର ପ୍ରମୁଖଙ୍କ ନିଖୁଣ ଅଭିନୟ 'ଦ କାଶ୍ମୀର ଫାଇଲ୍ସ'ରେ ଦେଖିବାକୁ ମିଳେ । କମ୍ ବଜେଟ୍‌ରେ ନିର୍ମିତ 'ଦ କାଶ୍ମୀର ଫାଇଲ୍‌ସ' ଭଲ ବ୍ୟବସାୟ କରିଥିଲା ।




## ଉରି ଦ ସର୍ଜିକାଲ୍ ଷ୍ଟ୍ରାଇକ୍

ପାକିସ୍ତାନ ଉପରେ ଉରି ପ୍ରତିଶୋଧ ନେବା ପାଇଁ କରାଯାଇଥିବା ସର୍ଜିକାଲ୍ ଷ୍ଟ୍ରାଇକ୍‌କୁ ନେଇ ନିର୍ମିତ ହୋଇଛି 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍' । ଏହି ଫିଲ୍ମଟି ୨୦୧୯ ମସିହା ଜାନୁଆରୀ ୧୧ ତାରିଖରେ ରିଲିଜ୍ ହୋଇଥିଲା । ୨୫ କୋଟି ଟଙ୍କାରେ ନିର୍ମିତ ଏହି ସିନେମାକୁ ବେଶ୍ ସଫଳତା ମିଳିଛି । ବକ୍ସ ଅଫିସରେ ଏହି ଫିଲ୍ମଟି ୩୩୮ କୋଟି ଟଙ୍କା ବ୍ୟବସାୟ କରିବାରେ ସଫଳ ହୋଇଛି । ଆଦିତ୍ୟ ଧରଙ୍କ ଲିଖିତ ଓ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଭିକ୍କି କୌଶଳ, ୟାମୀ ଗୌତମ, ପରେଶ ରାୱଲ ପ୍ରମୁଖ ଚମତ୍କାର ଅଭିନୟ କରିଛନ୍ତି । ୨୯ ସେପ୍ଟେମ୍ବର ୨୦୧୬ରେ ଭାରତ କରିଥିବା ପ୍ରଥମ ସର୍ଜିକାଲ୍ ଷ୍ଟ୍ରାଇକ୍‌ର କାହାଣୀକୁ ନେଇ ଏହି ଫିଲ୍ମ ତିଆରି ହୋଇଛି । ଏହି ଫିଲ୍ମକୁ ଦର୍ଶକଙ୍କ ଭଲପାଇବା ମିଳିଥିଲା । ଅନେକ ସିନେ ଦର୍ଶକଙ୍କୁ ଏହା ଅନୁପ୍ରାଣିତ ମଧ୍ୟ କରିଥିଲା ।



## ବଧାଇ ହୋ




## ସୋନୁ କେ ଟିଟୁ କି ସ୍ୱିଟି




୨୦୧୮ ମସିହାରେ 'ସୋନୁ କେ ଟିଟୁ କି ସ୍ୱିଟି' ସିନେମା ରିଲିଜ୍ ହୋଇଥିଲା । ହିନ୍ଦୀ ଭାଷାରେ ନିର୍ମିତ ଏହା ଏକ ରୋମାଣ୍ଟିକ କମେଡି ଫିଲ୍ମ । ଏହି ଫିଲ୍ମଟି ୪୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । କମ୍ ବଜେଟ୍‌ରେ ତିଆରି ହୋଇଥିଲେ ମଧ୍ୟ ଏହା ୧୫୩ କୋଟି ଟଙ୍କା ବ୍ୟବସାୟ କରି ରେକର୍ଡ ସୃଷ୍ଟି କରିଥିଲା । ରିଲିଲ୍ ହେବା ପରେ ଏହି ଫିଲ୍ମଟି ଆଶ୍ଚର୍ଯ୍ୟଜନକ ଭାବେ ବ୍ଲକ୍‌ବଷ୍ଟର୍ ହୋଇଯାଇଥିଲା । କମ୍ ବଜେଟ୍‌ରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ର ଅନେକ ରେକର୍ଡ ଭାଙ୍ଗି ଦେଇଥିଲା । ୨୦୧୮ ମସିହାରେ ସବୁଠାରୁ ଅଧିକ ଆୟ କରିଥିବା ବଲିଉଡ୍ ଫିଲ୍ମ ମଧ୍ୟରୁ 'ସୋନୁକେ ଟିଟୁ କି ସ୍ୱିଟି' ଅନ୍ୟତମ । ହାସ୍ୟରସାତ୍ମକ ଏହି ଫିଲ୍ମରେ ଦର୍ଶକେ ଭରପୂର ମନୋରଞ୍ଜନ ନେଇଥିଲେ । କାର୍ତ୍ତିକ ଆର୍ଯ୍ୟାନ, ନୁସରତ ଭରୁଚା, ସନୀ ସିଂହ ପ୍ରମୁଖ ହୃଦୟସ୍ପର୍ଶୀ ଅଭିନୟ କରିଛନ୍ତି ।

୨୦୧୮ ମସିହାରେ ରିଲିଜ୍ ହୋଇଥିଲା ହିନ୍ଦୀ ଚଳଚ୍ଚିତ୍ର 'ବଧାଇ ହୋ' । ଏହି ଫିଲ୍ମ ୨୯ କୋଟି ଟଙ୍କାରେ ନିର୍ମିତ ହୋଇଥିଲା । ତେବେ ଏହା ୨୧୯ କୋଟି ଟଙ୍କା ଆୟ କରି ରେକର୍ଡ ସୃଷ୍ଟି କରିଥିଲା । ଏହି ଚଳଚ୍ଚିତ୍ର ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ତିଆରି ହୋଇଛି । ମହିଳାମାନେ ଯେଉଁ ବୟସରେ ଜେଜେ ମା' ହୁଅନ୍ତି, ସେଇ ବୟସରେ ଜଣେ ମହିଳା ମା' ହୋଇଛନ୍ତି । ବୃଦ୍ଧା ବୟସରେ ଜଣେ ମହିଳା କାହିଁକି ମା' ହେବାକୁ ଚାହୁଁଛନ୍ତି । ତାହାର ରହସ୍ୟ ଛପି ରହିଛି ଏହି ଫିଲ୍ମରେ । ନିଜର ବୟସ୍କା ମା' ଗର୍ଭବତୀ ହେବା ଘଟଣାକୁ କିଭଳି ଭାବରେ ଜଣେ ଯୁବକ ଗ୍ରହଣ କରୁଛନ୍ତି, ତାହା ଚମତ୍କାର ଭାବେ ପ୍ରଦର୍ଶିତ ହୋଇଛି । ଏହାର କାହାଣୀ ଦର୍ଶକଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଅମିତ ରବୀନ୍ଦ୍ରନାଥ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆୟୁଷ୍ମାନ ଖୁରାନା, ସାନ୍ୟା ମାଲହୋତ୍ରା, ନୀନା ଗୁପ୍ତା, ଗଜରାଜ ରାଓ, ସୁରେଖା ସିକ୍ରି ପ୍ରମୁଖ ନିଖୁଣ ଅଭିନୟ କରିଛନ୍ତି । କମ୍ ବଜେଟ୍‌ରେ ତିଆରି ହୋଇଥିବା 'ବଧାଇ ହୋ'କୁ ସିନେ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ ।


## ପାନ ସିଂହ ତୋମାର

୨୦୧୨ ମସିହାରେ ବିଶିଷ୍ଟ କ୍ରୀଡ଼ାବିତ୍ ପାନ ସିଂହ ତୋମାରଙ୍କ ଜୀବନକୁ ନେଇ ନିର୍ମିତ ହୋଇଛି 'ପାନ ସିଂହ ତୋମାର' ଚଳଚ୍ଚିତ୍ର । ପାନ ସିଂହ ତୋମାରଙ୍କ ସଂଘର୍ଷମୟ ଜୀବନ ଓ ସଫଳତାର କାହାଣୀର ଏଥିରେ ପ୍ରଦର୍ଶିତ ହୋଇଛି । ୮ କୋଟି ଟଙ୍କାରେ ନିର୍ମିତ ଏହି ଚଳଚ୍ଚିତ୍ର ୨୦ କୋଟିରୁ ଅଧିକ ଟଙ୍କା ବ୍ୟବସାୟ କରିଥିଲା । ତିଗମାଂଶୁ ଧୂଲିଆଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨୦୧୨ ମସିହାରେ ସର୍ବଶ୍ରେଷ୍ଠ ଫିଚର୍ ଫିଲ୍ମ ଭାବେ ପୁରସ୍କାର ଲାଭ କରିଥିଲା । ଏହି ସମାରୋହରେ ଅଭିନେତା ଇରଫାନ୍ ଖାନ୍ ମଧ୍ୟ ସର୍ବଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲେ ।



## କାହାନୀ

୨୦୧୨ ମସିହା ମାର୍ଚ୍ଚ ୯ ତାରିଖରେ ରିଲିଜ୍ ହୋଇଥିଲା ହିନ୍ଦୀ ଚଳଚ୍ଚିତ୍ର 'କାହାନୀ' । ସୁଜୟ ଘୋଷ ନିର୍ଦ୍ଦେଶିତ ଏହି ଫିଲ୍ମକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ନିର୍ଦ୍ଦେଶନାଠାରୁ ଆରମ୍ଭ କରି ଅଭିନୟ ପର୍ଯ୍ୟନ୍ତ ସବୁକିଛି ଦର୍ଶକଙ୍କୁ ତାଜୁବ କରିଦେଇଥିଲା । ୮ କୋଟି ଟଙ୍କା ବଜେଟ୍‌ରେ ନିର୍ମିତ ଏହି ସିନେମା ଭଲ ବ୍ୟବସାୟ ମଧ୍ୟ କରିଥିଲା । ବକ୍ସ ଅଫିସ୍‌ରେ ଏହାର ଆୟ ଥିଲା ୧୦୪ କୋଟି ଟଙ୍କା । ସକାରାତ୍ମକ ସମୀକ୍ଷା ଏବଂ ମୌଖିକ ପ୍ରଚାର ଯୋଗୁଁ ଏହି ଫିଲ୍ମଟି ୫୦ ଦିନ ମଧ୍ୟରେ ସାରା ବିଶ୍ୱରେ ୧୦୦ କୋଟିରୁ ଅଧିକ ଟଙ୍କା ଆୟ କରିଥିଲା । ବିଦ୍ୟା ବାଲାନଙ୍କ ସମେତ ନବାଜୁଦ୍ଦିନ ସିଦ୍ଦିକି, ପରମବ୍ରତ ଚାଟାର୍ଜୀ, ଇନ୍ଦ୍ରନୀଲ ସେନଗୁପ୍ତା, ଶାଶ୍ୱତ ଚାଟାର୍ଜୀ ପ୍ରମୁଖ ଅଭିନୟ କରିଛନ୍ତି । ପୁରୁଷ ପ୍ରଧାନ ଭାରତୀୟ ସମାଜରେ ନାରୀବାଦ ଏବଂ ମାତୃତ୍ୱ ପ୍ରସଙ୍ଗକୁ ନେଇ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି । ଏହି ଚଳଚ୍ଚିତ୍ର ଦମଦାର କାହାଣୀ, ଚମତ୍କାର ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା । 'କାହାନୀ'କୁ ତିନୋଟି ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାର ଓ ପାଞ୍ଚୋଟି ଫିଲ୍ମ ଫେୟାର ପୁରସ୍କାର ମିଳିଥିଲା । ଏହା ସହିତ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସୁଜୟ ଘୋଷ ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବିଦ୍ୟା ବାଲାନଙ୍କୁ ପୁରସ୍କୃତ ହୋଇଥିଲେ ।















## କମ୍ ବଜେଟ୍ ସଫଳ ଫିଲ୍ମ

ଅତୀତରେ କମ୍ ବଜେଟ୍‌ରେ ତିଆରି ହୋଇଥିବା ଅନେକ ଫିଲ୍ମ ବଲିଉଡ୍‌ରେ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି । କମ୍ ବଜେଟ୍‌ରେ ନିର୍ମିତ ହୋଇଥିବା ଏକ ସଫଳ ଫିଲ୍ମ 'ସ୍ତ୍ରୀ' । କମେଡି-ହରର୍ ଫିଲ୍ମ 'ସ୍ତ୍ରୀ' ୨୩ କୋଟି ଟଙ୍କାରେ ତିଆରି ହୋଇଥିଲା । ତେବେ ଏହା ୧୮୦ କୋଟି ଟଙ୍କା ବ୍ୟବସାୟ କରି ରେକର୍ଡ କରିଥିଲା । ସେହିପରି 'ତନୁ ୱେଡସ୍ ମନୁ ରିଟର୍ଣ୍ଣ' କମ୍ ଖର୍ଚ୍ଚରେ ତିଆରି ହୋଇଥିବା ଆଉ ଏକ ସଫଳ ଚଳଚ୍ଚିତ୍ର । ବଲିଉଡ୍ ଷ୍ଟାର୍ ଆର୍. ମାଧବନ୍ ଓ କଙ୍ଗନା ରଣାୱତଙ୍କ ଅଭିନୀତ ଏହି ଫିଲ୍ମକୁ ଦର୍ଶକ ବେଶ୍ ପ୍ରଶଂସା କରିଥିଲେ । ଏହି ଫିଲ୍ମଟି ୩୯ କୋଟି ଟଙ୍କାରେ ନିର୍ମିତ ହୋଇଥିଲା । ତେବେ ଏହା ୧୫୦ କୋଟି ଟଙ୍କାର ଆୟ କରିଥିଲା । ଏହି ଫିଲ୍ମର ପ୍ରଥମ ଭାଗ ମଧ୍ୟ ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା । ସେପଟେ କମ୍ ବଜେଟ୍‌ରେ ନିର୍ମିତ ଏକ ସଫଳ ଫିଲ୍ମ ହେଉଛି 'କୁଇନ୍' । ୧୨ କୋଟି ଟଙ୍କାରେ ଏହା ନିର୍ମିତ ହୋଇଥିଲା । ଏହି ଫିଲ୍ମ ୬୧ କୋଟି ଟଙ୍କା ବ୍ୟବସାୟ କରିଥିଲା । ସେହିପରି ୧୫ କୋଟି ଟଙ୍କା ବଜେଟ୍‌ରେ ତିଆରି ହୋଇଥିବା 'ଭିକ୍କି ଡୋନର୍' ସିନେମା ୬୬ କୋଟି ଟଙ୍କା ଆୟ କରିଥିଲା । ଏଭଳି ସ୍ୱଳ୍ପ ବଜେଟ୍‌ରେ ତିଆରି ହୋଇଥିବା ଆହୁରି ଅନେକ ହିନ୍ଦୀ ଫିଲ୍ମ ରହିଛି । ଯାହା ଭଲ ବ୍ୟବସାୟ କରିବା ସହିତ ଦର୍ଶକଙ୍କ ହୃଦୟ ଜୟ କରିବାରେ ସଫଳ ହୋଇଛି ।

ବଲିଉଡ୍ ଫିଚର୍

# ବଜେଟ୍ କମ୍ ବାହାବା ଅଧିକ

ଭାରତୀୟ ସିନେମା ନିଜର ନାଟକୀୟତା ଓ ବିଭିନ୍ନ ସଂସ୍କୃତିକୁ ପ୍ରତିପାଦନ କରୁଥିବାରୁ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି । ବିଶେଷ କରି ହିନ୍ଦୀ ଚଳଚ୍ଚିତ୍ର ଉଦ୍ୟୋଗ ସାରା ବିଶ୍ୱକୁ ଯେଉଁ ଅବଦାନ ଦେଇଛି, ତାହା ବାସ୍ତବରେ ମହାନ ଓ ପ୍ରଶଂସାଯୋଗ୍ୟ । ବ୍ୟବସାୟ ଓ ଆୟ ମାମଲାରେ ଏହା ସବୁଠୁ ବଡ଼ ସିନେମା ଉଦ୍ୟୋଗ ଭାବରେ ଜଣାଶୁଣା । ଏହି ବିଶାଳ ଫିଲ୍ମ ଉଦ୍ୟୋଗକୁ ସାରା ବିଶ୍ୱ କୁହେ 'ବଲିଉଡ୍' । ଯାହା ସାରା ବିଶ୍ୱର ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥାଏ । ଆକ୍ସନ, ରୋମାନ୍ସ, କମେଡି ତଥା ହାଇ ଡ୍ରାମାରେ ବଲିଉଡ୍ ହୋଇ ଉଠିଛି ସମୃଦ୍ଧ ଓ ସଶକ୍ତ । ମହାନାୟକଠୁ ଆରମ୍ଭ କରି ବହୁ ଖଳନାୟକ ଏହି ସମୃଦ୍ଧିର ସାରଥି ଭାବରେ କାର୍ଯ୍ୟ କରିଛନ୍ତି । ଗତବର୍ଷ ଏହି ସିନେମା ଜଗତର ମୋଟ ବକ୍ସ ଅଫିସ୍ ଆୟ ପ୍ରାୟ ୫ ହଜାର କୋଟି ଥିଲା । ତେବେ ବଲିଉଡ୍‌ରେ ବହୁ ସିନେମା ଏମିତି ବି ଅଛି, ଯାହା କମ୍ ବଜେଟ୍‌ରେ ତିଆରି ହୋଇଛି । ଅଥଚ ସାରା ବିଶ୍ୱରେ ଲୋକପ୍ରିୟତା ହାସଲ କରିପାରିଛି । ସେମିତି କିଛି କମ୍ ବଜେଟ୍‌ର ସଫଳ ସିନେମାକୁ ନେଇ ଏଇ ଉପସ୍ଥାପନା ।



## ଦମ୍ ଲଗାକେ ହଇଶା

ଯଶ୍‌ରାଜ ବ୍ୟାନର୍‌ରେ ନିର୍ମିତ 'ଦମ୍ ଲଗାକେ ହଇଶା' ସିନେମାର ବଜେଟ ଥିଲା ମାତ୍ର ୧୪ କୋଟି । ଯାହା ଆୟ ମାମଲାରେ ବଲିଉଡ୍‌ରେ ରେକର୍ଡ ମଧ୍ୟ କରିଥିଲା ୧୧୩.୮୫ କୋଟି ଟଙ୍କା କମାଇ । ଶରତ କାଟାରିୟାଙ୍କ ଦ୍ୱାରା ନିର୍ଦ୍ଦେଶିତ ଦମ୍ ଲଗାକେ ହଇଶାରେ ଆୟୁଷ୍ମାନ୍ ଖୁରାନା ଓ ଭୂମି ପେଡନେକରଙ୍କ ଦମ୍ଦାର ଅଭିନୟ ଓ ତାହାର କାହାଣୀ ହିଁ ସିନେମାକୁ ବ୍ଲକବଷ୍ଟର କରିଛି । ଆଇଏମ୍‌ଡିବି ଦ୍ୱାରା ୭.୫ ରେଟିଂ ପ୍ରାପ୍ତ ଏହି ସିନେମା ହେଉଛି ହିନ୍ଦୀ ଭାଷାର ସର୍ବଶ୍ରେଷ୍ଠ ଫିଚର ଫିଲ୍ମ ଭାବରେ ଜାତୀୟ ପୁରସ୍କାର ପାଇଛି ।



## ଲଗାନ୍

୨୫ କୋଟି ଟଙ୍କା ବଜେଟ୍‌ରେ ତିଆରି ହୋଇଥିବା କ୍ରୀଡ଼ା ଓ ସଙ୍ଗୀତଭିତ୍ତିକ ସିନେମା 'ଲଗାନ୍'କୁ ନିର୍ଦ୍ଦେଶନା ଦେଇଥିଲେ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର । ଏହି ସିନେମାଟି ସୁପର୍‌ଡୁପର୍ ହିଟ୍ ସାବ୍ୟସ୍ତ ହୋଇ ପାଖାପାଖି ୬୫୯.୭ କୋଟି ଆୟ କରି ବକ୍ସ ଅଫିସ୍‌ର ବହୁ ରେକର୍ଡକୁ ଭାଙ୍ଗିଥିଲା । ୨୦୦୧ ମସିହାରେ ସିନେମା ଘରକୁ ଆସିଥିବା ଫିଲ୍ମ 'ଲଗାନ୍'ରେ ଅଭିନୟ କରିଥିଲେ ଅଭିନେତା ଅମିର ଖାନ, ଗ୍ରେସୀ ସିଂ, ରାହେଲ ଶୈଳୀ ଓ ପଲ ବ୍ଲେକର୍ଥାନ ପ୍ରମୁଖ । ଆଇଏମ୍‌ଡିବି ଦ୍ୱାରା ୮.୧ ରେଟିଂ ପ୍ରାପ୍ତ ଏହି ସିନେମା ବ୍ରିଟିଶ୍ ରାଜ କାହାଣୀ ସହ କୃଷକ ଭୁବନର କଥା ବଖାଣିଥାଏ । 'ମଦର୍ ଇଣ୍ଡିଆ' ଓ 'ସଲାମ ବମ୍ବେ' ପରେ ତୃତୀୟ ସର୍ବଶ୍ରେଷ୍ଠ ଭାରତୀୟ ସିନେମା ଭାବରେ ସର୍ବଶ୍ରେଷ୍ଠ ବିଦେଶୀ ଭାଷା ସିନେମା ପାଇଁ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲା ।


## ପିପିଲି ଲାଇଭ୍




ଅମିର ଖାନଙ୍କ ପ୍ରଡକ୍ସନ ହାଉସ୍‌ରେ ନିର୍ମିତ ଏହି ସିନେମା ୧୦ କୋଟି ବ୍ୟୟ କରି ୪୮.୮୯ କୋଟି ଆୟ କରି ସୁପରହିଟ୍ ହୋଇଥିଲା । ସିନେମାକୁ ଅନୁଷା ରିଜଭି ନିର୍ଦ୍ଦେଶନା ଦେଇଥିଲେ । ଚଳଚ୍ଚିତ୍ରଟି କୃଷକଙ୍କ ଆତ୍ମହତ୍ୟା କାହାଣୀ ଉପରେ ପର୍ଯ୍ୟବସିତ । ରଘୁବର ଦାସ, ଶାଳିନୀ ବସ୍ତ, ମଲାୟକା ଶେନାୟ, ନୱାଜୁଦ୍ଦିନ ସିଦ୍ଦିକି ଓ ନସିରୁଦ୍ଦିନ ଶାହଙ୍କ ବଳିଷ୍ଠ ଅଭିନୟ ପାଇଁ ଏହି ସିନେମା ୮୩ତମ ଓସ୍କାର ଆୱାର୍ଡ ପାଇଁ ମନୋନୀତ ହୋଇପାରିଥିଲା ।

## ଥ୍ରୀ ଇଡିଅଟ୍‌ସ

'ଓଠ ଘୁମା ସିଟି ବଜା ସିଟି ବଜା କେ ବୋଲ...ଭୈୟା ଅଲ ଇଜ୍ ୱେଲ'- ଗୀତଟି ପୁରୁଣା ହୋଇ ସାରିଛି, କିନ୍ତୁ ଏବେ ବି ଦର୍ଶକଙ୍କ ମନରେ ଏହା ଏକ ଭିନ୍ନ ଆବେଗ, ଉତ୍ସାହ ଓ ଉନ୍ମାଦନା ଭରି ଦେଇଥାଏ । ୨୦୦୯ ମସିହାରେ ରାଜକୁମାର ହିରାନୀଙ୍କ ନିର୍ଦ୍ଦେଶନାରେ ୫୫ କୋଟି ଟଙ୍କା ବ୍ୟୟରେ ଗୋଟିଏ ସିନେମା ନିର୍ମିତ ହୋଇଥିଲା, ଯାହା ଭାରତୀୟ ସିନେମାରେ ସ୍ୱର୍ଣ୍ଣିମ ଇତିହାସ ରଚି ପାରିଥିଲା । ସଫଳତାର ଶିଖରକୁ ଛୁଇଁଥିବା ଏହି ସିନେମାଟି ହେଉଛି 'ଥ୍ରୀ ଇଡିଅଟ୍‌ସ' । ହିନ୍ଦୀ ଭାଷାରେ ତିଆରି ଏହି ସିନେମା ବ୍ଲକ୍‌ବ୍ଲଷ୍ଟର୍ ହିଟ୍ ସାବ୍ୟସ୍ତ ହୋଇ ପ୍ରାୟ ୪୦୦.୬୧ କୋଟି ରୋଜଗାର କରିଥିଲା । ବିଧୁ ବିନୋଦ ଚୋପ୍ରାଙ୍କ ପ୍ରଯୋଜିତ ଏହି ସିନେମାରେ ଅଭିନୟ କରିଛନ୍ତି ବଲିଉଡ୍‌ର ମିଷ୍ଟର୍ ଫର୍‌ଫେକ୍‌ନିଷ୍ଟ ଅମିର ଖାନ, ଅଭିନେତା ଆର.ମାଧବନ୍, ଶରମନ ଯୋଶୀ, ବୋମନ ଇରାନୀ, କରିନା କପୁର, ଓମି ବୈଦ୍ୟଙ୍କ ଭଳି ଦକ୍ଷ କଳାକାର । ସିନେମାଟି ବନ୍ଧୁତ୍ୱର ଅନୁସରଣ ଓ ଚିରାଚରିତ ସାମାଜିକ ଶିକ୍ଷାପ୍ରଣାଳୀର ଉତ୍ତମ ନିଦର୍ଶନ ଭାବରେ ଭାରତୀୟ ସିନେମା ଜଗତର ମହାନ ସିନେମାଗୁଡ଼ିକ ମଧ୍ୟରେ ସାମିଲ ହୋଇପାରିଛି । ୫୭ତମ ରାଷ୍ଟ୍ରୀୟ ଫିଲ୍ମ ପୁରସ୍କାରରେ 'ଥ୍ରୀ ଇଡିଅଡ୍‌ସ'କୁ ମିଳିଛି ମୋଟ ୩ଟି ପୁରସ୍କାର । ସେହିଭଳି ୫୫ତମ ଫିଲ୍ମଫେୟାରରେ ଏହି ଚଳଚ୍ଚିତ୍ର ସାଉଁଟିଛି ୬ଟି ପୁରସ୍କାର । ଜାପାନ ଏକାଡେମୀ ପୁରସ୍କାରରେ ସର୍ବଶ୍ରେଷ୍ଠ ଉତ୍କୃଷ୍ଟ ବିଦେଶୀ ଭାଷା ସିନେମା ଭାବରେ ଏହାର ନାମକୁ ସାମିଲ କରାଯାଇଥିଲା ।




## ନୋ ୱାନ୍ କିଲ୍‌ଡ ଜେସିକା

ମଡେଲ୍ ଜେସିକା ଲାଲ୍‌ଙ୍କ ବାୟୋପିକ୍ ହେଉଛି 'ନୋ ୱାନ୍ କିଲ୍‌ଡ ଜେସିକା' । ଏହି ସିନେମାଟି ମାତ୍ର ୯ କୋଟି ଟଙ୍କାରେ ନିର୍ମିତ ହୋଇ ୪୬ କୋଟି ଆୟ କରି ସିନେ ଦର୍ଶକଙ୍କ ଢେର୍ ପ୍ରଶଂସାର ସାଉଁଟିଥିଲା । ଏହି ସିନେମାରେ ରାନୀ ମୁଖାର୍ଜୀ ଓ ବିଦ୍ୟା ବାଲନ ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି । ରହସ୍ୟ ଓ ଥ୍ରୀଲରଧର୍ମୀ ଏହି ଚଳଚ୍ଚିତ୍ର ଆଇଏମଡିବି ଦ୍ୱାରା ୭.୨ ରେଟିଂ ପାଇଥିଲା । ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜକୁମାର ଗୁପ୍ତା । ୫୭ ତମ ଫିଲ୍ମ ଫେୟାର ପୁରସ୍କାରରେ ଏହା ସର୍ବଶ୍ରେଷ୍ଠ ଫିଲ୍ମ, ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ, ସର୍ବଶ୍ରେଷ୍ଠ ଅଭିନେତ୍ରୀ ଓ ସର୍ବଶ୍ରେଷ୍ଠ ସହାୟକ ଅଭିନେତ୍ରୀ ଭଳି ବହୁ ପୁରସ୍କାର ପାଇବାରେ ସଫଳ ହୋଇଥିଲା ।



# କମ୍ ଖର୍ଚ୍ଚରେ କମାଲ୍ ଫିଲ୍ମ

ଆରମ୍ଭରୁ ହିଁ ବଲିଉଡ୍‌ରେ ବିଭିନ୍ନ ଧରଣର ଛୋଟ, ବଡ଼ ଚଳଚ୍ଚିତ୍ର ନିର୍ମିତ ହୋଇଆସୁଛି । ତେବେ ଗତ ବର୍ଷ କମ୍ ବଜେଟ୍‌ରେ ନିର୍ମିତ ହୋଇଥିବା ଅନେକ ଚଳଚ୍ଚିତ୍ର ମୁକ୍ତିଲାଭ କରିଛି । ଯାହା ବକ୍ସ ଅଫିସ୍‌ରେ ବିଗ୍ ବଜେଟ୍ ଫିଲ୍ମଠାରୁ ଅଧିକ ରୋଜଗାର କରିଛି । ସେହିପରି ବର୍ତ୍ତମାନ ସମୟରେ ଭାରତୀୟ ସିନେମାରେ କମ୍ ବଜେଟ୍ ଚଳଚ୍ଚିତ୍ରର ବେଶ୍ ଚାହିଦା ରହିଛି । ହିନ୍ଦୀ ଚଳଚ୍ଚିତ୍ର ଦେଖୁଥିବା ଅଧିକାଂଶ ଦର୍ଶକମାନେ ଏବେ ଅଧିକ ବଜେଟ୍ ଫିଲ୍ମ ତୁଳନାରେ କମ୍ ବଜେଟ୍‌ରେ ନିର୍ମିତ ଭଲ କାହାଣୀ ଥିବା ଫିଲ୍ମ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି । ତେଣିକି ସେ ଆକ୍ସନ, କମେଡି ଅବା ରୋମାନ୍ସ ଯାହା ବି ହୋଇଥାଉ । ଦମଦାର୍ କାହାଣୀ ସିନେପ୍ରେମୀଙ୍କୁ ସର୍ବଦା ପ୍ରେକ୍ଷାଳୟ ମୁହାଁ କରିଥାଏ । ବର୍ତ୍ତମାନ ସମୟରେ ଆୟୁଷ୍ମାନ୍ ଖୁରାନା, କାର୍ତ୍ତିକ ଆର୍ଯ୍ୟାନ୍, ରାଜକୁମାର ରାଓଙ୍କ ଭଳି କଳାକାରମାନେ କମ୍ ବଜେଟ୍ ଫିଲ୍ମରେ ଅଭିନୟ କରି ସୁପରଷ୍ଟାରମାନଙ୍କୁ କଡ଼ା ଟକ୍କର ଦେଉଛନ୍ତି । ଏପରିକି ଏଭଳି ସିନେମା ବକ୍ସ ଅଫିସ୍‌ରେ କମାଲ କରି ଅଧିକ ବଜେଟ୍‌ର ଫିଲ୍ମକୁ ମଧ୍ୟ ପଛରେ ପକାଇଛି । କମ୍ ବଜେଟରେ ନିର୍ମିତ କେତୋଟି ହିଟ୍ ଚଳଚ୍ଚିତ୍ରକୁ ନେଇ ପ୍ରସ୍ତୁତ ଏଇ ରିପୋର୍ଟ ।




## ରାଜି

୨୦୧୮ ମସିହାରେ ମୁକ୍ତିଲାଭ କରିଥିବା ଆଲିଆ ଭଟ୍ଟ ଓ ଭିକି କୌଶଲ୍‌ଙ୍କ ଅଭିନୀତ ଫିଲ୍ମ 'ରାଜି'କୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ । ଏହା ଏକ ସ୍ପାଇ ଥ୍ରୀଲର୍ ଫିଲ୍ମ । ଯାହା ୩୫ କୋଟି ବଜେଟ୍‌ରେ ନିର୍ମିତ ହୋଇଥିଲା । ଏହି ଚଳଚ୍ଚିତ୍ର ବକ୍ସ ଅଫିସ୍‌ରେ ୨୦୦ କୋଟିରୁ ଅଧିକ ଆୟ କରିପାରିଥିଲା ।




## ବରେଲି କି ବର୍ଫି

ହିନ୍ଦୀ ଭାଷାରେ ନିର୍ମିତ ହୋଇଥିବା 'ବରେଲି କି ବର୍ଫି' ଏକ ରୋମାଣ୍ଟିକ, କମେଡ଼ି ଫିଲ୍ମ । ଏହି ୨୦୧୭ ମସିହାରେ ପ୍ରେକ୍ଷାଳୟକୁ ଆସିଥିଲା । ରାଜକୁମାର ରାଓ, ଆୟୁଷ୍ମାନ୍ ଖୁରାନା, ଓ କ୍ରିତି ସାନନ୍‌ଙ୍କ ଅଭିନୟକୁ ପ୍ରସଂଶକମାନେ ଖୁବ୍ ପସନ୍ଦ କରିଥିଲେ । ୨୦ କୋଟି ବଜେଟ୍‌ରେ ନିର୍ମାଣ ହୋଇଥିବା ଏହି ଫିଲ୍ମ ୬୦ କୋଟି ଟଙ୍କାର ବ୍ୟବସାୟ କରିଥିଲା ।




## ଲୁକା-ଛୁପି

କାର୍ତ୍ତିକ ଆର୍ଯ୍ୟନ୍ ଓ କ୍ରିତି ସାନନ୍‌ଙ୍କ ଫିଲ୍ମ 'ଲୁକ୍କା-ଛୁପି' ବକ୍ସ ଅଫିସ୍‌ରେ ଧମାଲ କରିଥିଲା । କମେଡି, ରୋମାନ୍ସ ଓ ଡ୍ରାମା ରହିଥିବା ଏହି ଫିଲ୍ମ ୨୦୧୯ ମସିହାରେ ରିଲିଜ୍ ହୋଇଥିଲା । ଏହା ଏକ ଲିଭ୍-ଇନ୍-ରିଲେସନସିପ୍ କାହାଣୀ ଉପରେ ଆଧାରିତ । ଗୋଟିଏ ଛୋଟ ସହରର ଏହି ଛୋଟ କାହାଣୀ ଦର୍ଶକଙ୍କ ମନ ଜିଣି ପାରିଥିଲା । ୨୫ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ୧୨୮ କୋଟି ଟଙ୍କା ବ୍ୟବସାୟ କରିଥିଲା ।




## ସିକ୍ରେଟ୍ ସୁପରଷ୍ଟାର

ଜାୟାର ବସିମଙ୍କ ଫିଲ୍ମ ସିକ୍ରେଟ୍-ସୁପରଷ୍ଟାର ଦର୍ଶକଙ୍କ ମନରେ ଏକ ଛାପ ଛାଡ଼ିଯାଇଥିଲା । ଏହି ଫିଲ୍ମର କାହାଣୀ ଦର୍ଶକଙ୍କୁ ଖୁବ୍ ପ୍ରଭାବିତ କରିଥିଲା । ଏହି କାହାଣୀ ଗାୟିକା ହେବାକୁ ଚାହୁଁଥିବା ଜଣେ ଯୁବତୀଙ୍କ ଉପରେ ଆଧାରିତ ଥିଲା । ଏହି ଫିଲ୍ମ ମାତ୍ର ୧୫ କୋଟି ବଜେଟ୍‌ରେ ନିର୍ମିତ ହୋଇଥିଲା । ଯାହା ୮୧ କୋଟି ଟଙ୍କାର ବ୍ୟବସାୟ କରିଥିଲା ।



## ଅନ୍ଧାଧୁନ୍

ଆୟୁଷ୍ମାନ୍ ଖୁରାନା ଓ ରାଧିକା ଆପ୍‌ଟେ ଅଭିନୀତ କ୍ରାଇମ୍ ଥ୍ରୀଲର୍ ଫିଲ୍ମ 'ଅନ୍ଧାଧୁନ୍' ସିନେପ୍ରେମୀଙ୍କ ହୃଦୟକୁ ବେଶ୍ ଛୁଇଁ ପାରିଥିଲା । ଜଣେ ପିଆନୋବାଦକଙ୍କ ଉପରେ ଆଧାରିତ ଏହାର କାହାଣୀ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ତେବେ ୩୨ କୋଟି ଟଙ୍କାରେ ନିର୍ମିତ ହୋଇଥିବା ଏହି ଫିଲ୍ମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବା ସହ ବକ୍ସ ଅଫିସ୍‌ରେ ୪୪୧ କୋଟି ଟଙ୍କା ଆୟ କରିଥିଲା । ଏହି ଫିଲ୍ମରେ ତବୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ ।



## ସୁଇ - ଧାଗା

'ସୁଇ-ଧାଗା' ଏକ ପ୍ରେରଣାଦାୟୀ ଫିଲ୍ମ । ଅନୁଷ୍କା ଶର୍ମା ଓ ବରୁନ ଧୱନଙ୍କ ଫିଲ୍ମ 'ସୁଇ-ଧାଗା' ଏକ ମଧ୍ୟବିତ୍ତ ପରିବାରର କାହାଣୀ ଉପରେ ଆଧାରିତ । ତେଣୁ ଏହି ଫିଲ୍ମଟି ଏହି ଶ୍ରେଣୀର ଲୋକଙ୍କ ହୃଦୟକୁ ଛୁଇଁଥିଲା । ଏହି ଫିଲ୍ମ ୩୫ କୋଟି ବଜେଟ୍‌ରେ ନିର୍ମାଣ କରାଯାଇଥିବା ବେଳେ ଏହା ବକ୍ସ ଅଫିସ୍‌ରେ ୧୨୫ କୋଟି ଟଙ୍କା ବ୍ୟବସାୟ କରିଥିଲା ।




## ହିଚ୍‌କି

'ମର୍ଦ୍ଦାନି' ଫିଲ୍ମର ଚାରିବର୍ଷ ପରେ 'ହିଚ୍‌କି'ରେ ଦମ୍‌ଦାର୍ ଅଭିନୟରେ ନଜର ଆସିଥିଲେ ବଲିଉଡ୍ ଅଭିନେତ୍ରୀ ରାନୀ ମୁଖାର୍ଜୀ । ଏହି ଫିଲ୍ମରେ ରାନୀଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ଏହି ଫିଲ୍ମ ଜଣେ ଶିକ୍ଷକଙ୍କ କାହାଣୀ ଉପରେ ପର୍ଯ୍ୟବସିତ । ୧୨ କୋଟି ଟଙ୍କାରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସରେ ୨୩୯ କୋଟି ଟଙ୍କା ଆୟ କରିଥିଲା । ■

## ସାଉଥ୍ ଇଣ୍ଡଷ୍ଟ୍ରି

# ବ୍ୟୟ କମ୍ ଆୟ ବେଶି




## କାନ୍ତାରା

ଋଷଭ ସେଟ୍ଟୀଙ୍କ ନିର୍ଦ୍ଦେଶିତ ସିନେମା 'କାନ୍ତାରା' ସାରା ଭାରତର ସିନେ ଦର୍ଶକଙ୍କୁ କନ୍ଦାଇଥିଲା। ୩୦ ଅଗଷ୍ଟ ୨୦୨୨ରେ ରିଲିଜ ହୋଇଥିବା ଏହି କନ୍ନଡ଼ ସିନେମା ମାତ୍ର ୧୬ କୋଟି ବଜେଟରେ ନିର୍ମିତ ହୋଇଥିଲା। ଆଉ ପ୍ରାୟ ୪୦୦-୪୫୦ କୋଟି ଟଙ୍କା ରୋଜଗାର କରି ବକ୍ସ ଅଫିସରେ ଧୁମ୍ ମଚାଇ ଥିଲା। ୨ ଘଣ୍ଟା ୩୦ ମିନିଟ୍ ଅବଧି ବିଶିଷ୍ଟ ଏହି ଦକ୍ଷିଣ ଭାରତୀୟ ସିନେମାରେ ନିଜେ ଋଷଭ ସେଟ୍ଟୀ, ସପ୍ତମୀ ଗୌଡ଼ା, କିଶୋର ତଥା ଅଚ୍ୟୁତ କୁମାର ଅଭିନୟ କରିଛନ୍ତି। ଆଇଏମ୍‌ଡିବି ଦ୍ୱାରା କାନ୍ତାରାକୁ ମିଳିଛି ୮.୨ ରେଟିଂ। ଫିଲ୍ମଟିକୁ ୫୪ ତମ ଆଇଏଫ୍‌ଏଫ୍‌ଆଇରେ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଏଠାରେ ସିନେମାଟି ସିଲଭର୍ ପିକକ୍- ସ୍ପେଶଲ୍ ଜୁରି ପୁରସ୍କାର ପାଇଥିଲା। ପୌରାଣିକ କାହାଣୀ, ସଂସ୍କୃତି ଓ ପରମ୍ପରାର ସୁନ୍ଦର ଝଲକ୍ ଦେଖିବାକୁ ମିଳେ ଏହି ସିନେମାରେ।

ସାଉଥ୍ ଇଣ୍ଡିଆନ୍ ଫିଲ୍ମ ବା ଦକ୍ଷିଣ ଭାରତୀୟ ସିନେମା ବର୍ତ୍ତମାନ ସମୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଦର୍ଶକମାନେ ମଧ୍ୟ ବଲିଉଡ୍‌କୁ ଛାଡ଼ି ସାଉଥ୍ ଇଣ୍ଡିଆନ୍ ଫିଲ୍ମକୁ ଆଗ ଅପେକ୍ଷା ଅଧିକ ପସନ୍ଦ କରୁଛନ୍ତି। ଦକ୍ଷିଣ ଭାରତୀୟ ସିନେମାର ବକ୍ସ ଅଫିସ୍ ରାଜସ୍ୱ ଭାରତୀୟ ସିନେମାର ମୋଟ ରାଜସ୍ୱର ପ୍ରାୟ ୩୬ ପ୍ରତିଶତ। ଏଥିରୁ ସ୍ପଷ୍ଟ ଅନୁମେୟ, ସାଉଥ୍ ସିନେମା ଦର୍ଶକଙ୍କୁ କେତେ ପସନ୍ଦ ଆସେ। ମୌଳିକ କାହାଣୀ, ଉତ୍ତମ ଗୁଣବତ୍ତା, ଅଭିନେତାଙ୍କ ଷ୍ଟାର ଦମ୍ ତଥା ଦକ୍ଷିଣ ଭାରତର ସଂସ୍କୃତି ପରମ୍ପରାର ଝଲକ୍ ଯୋଗୁଁ ବହୁ ଦକ୍ଷିଣ ଭାରତୀୟ ସିନେମା କମ୍ ବଜେଟ୍‌ରେ ବ୍ଲକ୍‌ବ୍ଲଷ୍ଟର୍ ହେବାର ମଧ୍ୟ ନଜିର ରହିଛି। 'କାନ୍ତାରା'ରୁ ନେଇ 'ସୀତାରାମମ୍' ଯାଏଁ, 'କାର୍ତ୍ତିକେୟା-୨'ଠାରୁ ନେଇ '୭୭୭ ଚାର୍ଲି' ପର୍ଯ୍ୟନ୍ତ ଅନେକ ସାଉଥ୍ ସିନେମା ଦର୍ଶକଙ୍କ ମନରେ ଛାପ ଛାଡ଼ି ଯାଇଛି। କମ୍ ବଜେଟ୍‌ରେ ତିଆରି ହୋଇ ସଫଳ ହୋଇଥିବା ଦକ୍ଷିଣ ଭାରତୀୟ ସିନେମାକୁ ନେଇ ଆମର ଏ ପ୍ରସ୍ତୁତି।

## କାର୍ତ୍ତିକେୟା- ୨

ବିଜ୍ଞାନ ଓ ଆଧ୍ୟାତ୍ମିକତାର ସମନ୍ୱୟରେ ନିର୍ମିତ ହୋଇଥିବା 'କାର୍ତ୍ତିକେୟା- ୨' ସିନେମାରେ ରହିଛି ରହସ୍ୟ ଓ ଦୁଃସାହସ ପ୍ରଦର୍ଶନ। ଅଭିଷେକ ଅଗ୍ରୱାଲଙ୍କ ଦ୍ୱାରା ନିର୍ମିତ ଓ ଚନ୍ଦୁ ମୋଣ୍ଡେତିଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସିନେମାର ବଜେଟ୍ ଥିଲା ମାତ୍ର ୧୫ କୋଟି ଟଙ୍କା। ଯାହା ବକ୍ସ ଅଫିସ୍‌ରେ ୧୧୭.୮୭ କୋଟି ଟଙ୍କା କମାଇ ହଇଚଇ ସୃଷ୍ଟି କରି ପାରିଥିଲା। ତାହା ସହ ଅଭିନେତା ନିଖିଳ ସିଦ୍ଧାର୍ଥ, ଅନୁପମା ପରମେଶ୍ୱରନ୍ ଓ ବରିଷ୍ଠ ଅଭିନେତା ଅନୁପମ ଖେରଙ୍କ ଅଭିନୟ ସାଉଁଟିଥିଲା ଢେର୍ ପ୍ରଶଂସା। ୨ ଘଣ୍ଟା ୩୦ ମିନିଟ୍ ଅବଧି ବିଶିଷ୍ଟ ଏହି ସିନେମାକୁ ଆଇଏମ୍‌ଡିବି ଦେଇଛି ୭.୯ ରେଟିଂ। ଭଗବାନ କୃଷ୍ଣଙ୍କ ହଜିଯାଇଥିବା ପାଉଁଜି ଖୋଜିବାକୁ ନେଇ ଗତିଶୀଳ ହୋଇଛି ସିନେମାର କାହାଣୀ। ଏହା ୨୦୧୪ ମସିହାରେ ନିର୍ମାଣ କରାଯାଇଥିବା ଫିଲ୍ମ କାର୍ତ୍ତିକେୟା ସହ ସମ୍ବନ୍ଧିତ।







## ମେଜର

ମେଜର ସନ୍ଦୀପ ଉନ୍ନିକୃଷ୍ଣନଙ୍କ ବାୟୋପିକ୍ ହେଉଛି ସିନେମା 'ମେଜର'। ଶଶି କିରଣ ଟିକ୍କାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ସିନେମାର ବଜେଟ ଥିଲା ମାତ୍ର ୩୨ କୋଟି। ରିଲିଜ୍ ପରେ ଦେଶଭକ୍ତି ଉପରେ ଆଧାରିତ ଏହି ଫିଲ୍ମ ଆଦାୟ କରିଥିଲା ପ୍ରାୟ ୬୪-୬୬ କୋଟି। ୫୩ତମ ଭାରତ ଅନ୍ତରାଷ୍ଟ୍ରୀୟ ଫିଲ୍ମ ମହୋତ୍ସବରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ସିନେମାଟି ଉଭୟ ହିନ୍ଦୀ ଓ ତେଲୁଗୁ ଭାଷାରେ ରିଲିଜ ହୋଇଥିଲା। ଫିଲ୍ମରେ ଅଦିବି ଶେଷ, ପ୍ରକାଶ ରାଜ ଓ ସାଇଦି ମଞ୍ଜରେକରଙ୍କ ଦମ୍‌ଦାର୍ ଅଭିନୟ ଦେଖିବାକୁ ମିଳେ। ଆକ୍ସନ ଓ ଥ୍ରିଲର୍ ଉପରେ ଆଧାରିତ ଏହି ସାଉଥ୍ ସିନେମା ଆଇଏମ୍‌ଡିବି ଦ୍ୱାରା ୮.୧ ରେଟିଂ ପାଇଁ ଦର୍ଶକୀୟ ଆଦୃତି ଲାଭ ପାରିଛି।

## ଡିଜେ ଟିଲ୍ଲୁ

୭ ରୁ ୮ କୋଟି ଟଙ୍କାରେ ନିର୍ମିତ ବିମଳ କୃଷ୍ଣଙ୍କ ନିର୍ଦ୍ଦେଶିତ ତେଲୁଗୁ ସିନେମା 'ଡିଜେ ଟିଲ୍ଲୁ' ବକ୍ସ ଅଫିସ୍‌ରେ ପ୍ରାୟ ୩୦.୩୦ କୋଟି ଟଙ୍କା ରୋଜଗାର କରି ସଫଳତାର ଶିଖରରେ ପାଦ ଥାପି ପାରିଥିଲା। ଆଇଏମ୍‌ଡିଭି ଦ୍ୱାରା ୭.୨ ରେଟିଂ ପାଇଥିବା 'ଡିଜେ ଟିଲ୍ଲୁ'ରେ ଅଭିନୟ କରିଛନ୍ତି ସିଦ୍ଧୁ ଜୋନାଲଗାଡ୍ଡା, ସୁନ୍ଦରୀ ନେହା ସେଟ୍ଟୀ ଓ ପ୍ରିନ୍ସ ସେସିଲ ପ୍ରମୁଖ। ସିନେମାରେ ଭରପୂର ରୋମାନ୍ସ ଓ କମେଡି ରହିଛି।




## ଲଭ୍ ଟୁଡେ

ରୋମାଣ୍ଟିକ୍ କମେଡି ଡ୍ରାମା ଫିଲ୍ମ 'ଲଭ୍ ଟୁଡେ'କୁ ପ୍ରଦୀପ ରଙ୍ଗନାଥନଙ୍କ ଲିଖିତ ଓ ନିର୍ଦ୍ଦେଶିତ ସିନେମା, ଯାହା ମାତ୍ର ୫ କୋଟି ବ୍ୟୟରେ ନିର୍ମିତ ହୋଇ ୭୦ କୋଟି ଆୟ କରି ଯୁବପିଢ଼ିଙ୍କ ମନରେ ପ୍ରେମକୁ ନେଇ ହଇଚଇ ସୃଷ୍ଟି କରି ପାରିଥିଲା। ୨ ଘଣ୍ଟା ୩୪ ମିନିଟ ଅବଧି ତଥା ଆଇଏମ୍‌ଡିବି ଦ୍ୱାରା ୮ ରେଟିଂ ପାଇଥିବା ଏହି ସିନେମା ରୋଜଗାର ମାମଲାରେ ହିଟ ସାବ୍ୟସ୍ତ ହୋଇଛି। ସିନେମାରେ ଅଭିନେତା ପ୍ରଦୀପ ରଙ୍ଗନାଥନ୍‌ଙ୍କ ସହ ଇବାନା, ରବିନା ରବି ଓ ୟୋଗୀ ବାବୁ ପ୍ରମୁଖ ଅଭିନୟ କରି ଛୋଟ ବଜେଟରେ ସିନେମାକୁ ସଫଳ କରି ବଡ଼ ଧମାକା କରିଛନ୍ତି।



## ସୀତା ରାମମ୍

‘ସୀତା ରାମମ୍’ ସିନେମାର ‘ଓହ ସୀତା ହେ ରାମ....’ ଓ ‘କାନ୍ନୁକୁଲେ...’ ଏହି ଦୁଇଟି ଗୀତ ପ୍ରେମ ଶାଶ୍ୱତ, ଚିରନ୍ତନ ଓ ଅନନ୍ତ ବୋଲି ପ୍ରମାଣିତ କରିଦିଏ । ମାତ୍ର ୨୫ କୋଟି ଟଙ୍କାରେ ତିଆରି ଏହି ସିନେମା ବକ୍ସ ଅଫିସ୍‌ରେ ୯୧.୪ କୋଟି କଲେକ୍ସନ କରି ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତି ଲାଭ କରିଛି । ହନୁ ରାଘବ ପୁଡ଼ିଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଅଭିନେତା ଦୁଲକର ସଲମାନ ଓ ମୃଣାଳ ଠାକୁରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ କନ୍ଦାଇ ପାରିଛି । ସାମାନ୍ୟ ଦେଖାଯାଉଥିବା ଚିଠିଟିକୁ ନେଇ ବି ଭିନ୍ନ ଧରଣର ସିନେମା ତିଆରି କରାଯାଇ ପାରିବ ବୋଲି ଏହି ଦକ୍ଷିଣ ଭାରତୀୟ ସିନେମା ପ୍ରମାଣିତ କରି ଦେଇଛି । ୨୦୨୨ ମସିହାରେ ହଲ୍‌କୁ ଆସିଥିବା ଫିଲ୍ମ ‘ସୀତା ରାମମ୍’ କାହାଣୀ ରାମ, ସୀତା ମହାଲକ୍ଷ୍ମୀକୁ ଖୋଜି ଦେଇଥିବା ଚିଠିକୁ ନେଇ ଗତିଶୀଳ ହୋଇଛି । ୨ ଘଣ୍ଟା ୩୩ ମିନିଟ୍ ଅବଧିର ଏହି ସିନେମାକୁ ଆଇଏମ୍‌ଡିବି ଦ୍ୱାରା ୮.୬ ରେଟିଂ ମିଳିଛି ।






## ଥିରୁ



ରୋମାନ୍ସ ଓ ମ୍ୟୁଜିକାଲ୍ ଡ୍ରାମା ଉପରେ ଆଧାରିତ ତାମିଲ ସିନେମା ‘ଥିରୁ’କୁ ନିର୍ମାଣ କରାଯାଇଛି ମାତ୍ର ୧୫-୨୦ କୋଟି ଟଙ୍କା ବ୍ୟୟରେ । ଏହି ସିନେମା ପାଖାପାଖି ୧୨୦ କୋଟି ଟଙ୍କା ଆୟ କରି ୨୦୨୨ ମସିହାରେ ତାମିଲ ସିନେମା ଇଣ୍ଡଷ୍ଟ୍ରୀର ସବୁଠାରୁ ବେଶୀ ଆୟ କରିଥିବା ସିନେମା ଭାବରେ ରେକର୍ଡ ସୃଷ୍ଟି କରିଛି । ‘ଟାଇମ୍ ଅଫ୍ ଇଣ୍ଡିଆ’ ସିନେମାଟିକୁ ୫ ରୁ ୪.୭ ରେଟିଂ ଦେଇଛି । ମିଥରନ୍ ଆର୍ ଜବାହରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାମିଲ ଷ୍ଟାର୍ ଧନୁଷଙ୍କ ସହ ଅଭିନେତ୍ରୀ ନିଥ୍ୟା ମେନନ୍ ଓ ରାଶି ଖାନ୍ନାଙ୍କ ହୃଦୟସ୍ପର୍ଶୀ ଅଭିନୟ ଦର୍ଶକଙ୍କୁ ସିନେମା ହଲକୁ ଟାଣି ଆଣିଥିଲା ।



## ସର୍ଦ୍ଦାର

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ କମ୍ ବଜେଟ୍‌ରେ ତିଆରି ସଫଳ ସିନେମା ଭାବରେ ପରିଗଣିତ ହୋଇଥାଏ ‘ସର୍ଦ୍ଦାର’ । ମାତ୍ର ୨୦ କୋଟି ଟଙ୍କାରେ ତିଆରି ହୋଇଥିବା ଏହି ସିନେମା ଆୟ କରିଛି ୧୦୩.୫୦ କୋଟି । ପିଏସ୍ ମିତ୍ରାନଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ତାମିଲ ଅଭିନେତା କାର୍ଥି ଉଭୟ ବାପା ଓ ପୁଅର ଦ୍ୱୈତ ଭୂମିକାରେ ଅଭିନୟ କରି ତାଙ୍କର ଫ୍ୟାନ୍ସଙ୍କୁ ଚମକାଇଥିଲେ । ଫିଲ୍ମଟି ସତ୍ୟ କାହାଣୀ ଉପରେ ଆଧାରିତ ହୋଇଥିବାରୁ ସମୀକ୍ଷକ ଓ ଦର୍ଶକଙ୍କ ଦ୍ୱାରା ଅତ୍ୟଧିକ ସକରାତ୍ମକ ସମୀକ୍ଷା ମିଳି ପାରିଛି । ଗୁଇନ୍ଦା, ଆକ୍ସନ୍ ଓ ଥ୍ରୀଲର ଉପରେ ପର୍ଯ୍ୟବସିତ ଏହି ସିନେମାକୁ ଆଇଏମ୍‌ଡିବି ଦ୍ୱାରା ୭.୫ ରେଟିଂ ମିଳିଛି । ସିନେମାରେ କାର୍ଥିଙ୍କ ସହ ଅଭିନୟ କରିଛନ୍ତି ଅଭିନେତ୍ରୀ ରାଶି ଖାନ୍ନା, ରାଜିଶା ବିଜୟନ୍ ପ୍ରମୁଖଙ୍କ ଧମାକାଦାର ଅଭିନୟ ଦେଖିବାକୁ ମିଳୁଥାଏ ।




## ୭୭୭ ଚାର୍ଲି

୨୦୨୨ ମସିହାରେ ରିଲିଜ ହୋଇଥିବା ‘୭୭୭ ଚାର୍ଲି’ କନ୍ନଡ଼ ଭାଷାର ସାହସିକ ଡ୍ରାମା ଉପରେ ଆଧାରିତ ଏକ ସୁନ୍ଦର ଚଳଚ୍ଚିତ୍ର । ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସିନେମା ବକ୍ସ ଅଫିସ୍‌ରେ ୧୦୫-୧୧୫ କୋଟି ଆୟ କରି ହିଟ୍ ତାଲିକାରେ ନିଜ ନାମକୁ ସାମିଲ କରି ପାରିଛି । କିରଣ ରାଜଙ୍କ ଲିଖିତ ତଥା ନିର୍ଦ୍ଦେଶିତ ଏହି ସିନେମାରେ ଶୀର୍ଷକ ଭୂମିକାରେ ଲାବ୍ରାଡୋର କୁକୁର ଚାର୍ଲିଙ୍କ ସହ ଅଭିନେତା ରକ୍ଷିତ ସେଟ୍ଟୀ ଅଭିନୟ କରିଛନ୍ତି । ସିନେମାଟିକୁ ଆଇଏମ୍‌ଡିବି ଦ୍ୱାରା ୮.୮ ରେଟିଂ ମିଳିଛି । ଫିଲ୍ମଟି କୁକୁର ଓ ମଣିଷର ଭଲପାଇବାର ନିଦର୍ଶନକୁ ପରଦାରେ ଜୀବନ୍ତ ଭାବରେ ପ୍ରଦର୍ଶିତ କରିପାରିଛି ।




## ଡନ୍

ଶିବା କାର୍ତ୍ତିକେୟନ ଓ ପ୍ରିୟଙ୍କା ଅରୁଲ ମୋହନ ଷ୍ଟାରର ସିନେମା ‘ଡନ୍’ ଉଭୟ ତେଲୁଗୁ ଓ ତାମିଲ ଭାଷାରେ ଆଶ୍ଚର୍ଯ୍ୟଜନକ ଭାବରେ ହିଟ୍ ସାବ୍ୟସ୍ତ ହୋଇଛି । ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସିନେମାଟି ଜଣେ ଇଞ୍ଜିନିୟରିଂ ଛାତ୍ରର କାହାଣୀକୁ ନେଇ ତିଆରି ହୋଇଛି, ଯିଏ ପାସ୍ କରିବା ପାଇଁ କଠିନ ପରିଶ୍ରମ କରୁଛି । ଫିଲ୍ମଟି ୧୦୦ କୋଟି ଟଙ୍କା ଉପରେ ରୋଜଗାର କରି ଦକ୍ଷିଣ ଭାରତୀୟ ସିନେମାକୁ ଆହୁରି ଶୀର୍ଷକୁ ନେଇ ପାରିଛି । ସିବି ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶନାରେ ସିନେମାର ସଙ୍ଗୀତ, ପଟକଥା, ହାସ୍ୟ, ଆକ୍ସନ ତଥା କମେଡିକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି ।

ଚଳଚ୍ଚିତ୍ର ନିର୍ମାତା ଦର୍ଶକଙ୍କ ହୃଦୟକୁ ଛୁଇଁବା ପରି କାହାଣୀ ଭେଟି ଦେଇଥାନ୍ତି । ତା' ଭିତରେ ଚର୍ଚ୍ଚାରେ ରୁହେ 'ବିଗ୍ ବଜେଟ୍' ଫିଲ୍ମ । ଏହାକୁ ନେଇ ବ୍ଲକ୍‌ବଷ୍ଟର୍‌ରେ ହୁଏ ଅନେକ ଚର୍ଚ୍ଚା । ବଜେଟ୍‌ରୁ ହିଁ ଅଧିକ ଖର୍ଚ୍ଚ ବଢ଼ିଥାଏ । ବିଗ୍‌ଷ୍ଟାର କଷ୍ଟ, ବିଦେଶୀ ଲୋକେସନ୍, ଗ୍ରାଫିକ୍ସ, ପ୍ରଚାରପ୍ରସାର, କମ୍ପ୍ୟୁଟରାଇଜ୍ଡ ଇତ୍ୟାଦି ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ । କିନ୍ତୁ ଅଧିକ ବଜେଟ୍‌ରେ ଫିଲ୍ମର ଆୟ ତୁଳନାରେ କମ୍ ବଜେଟ୍‌ର ଫିଲ୍ମ ହିଁ ଦର୍ଶକଙ୍କ ପ୍ରଥମ ପସନ୍ଦ । ଏହା ୬୦ରୁ ୭୦ ଦଶକର ଅନେକ ଫିଲ୍ମରୁ ପ୍ରମାଣିତ ହୋଇସାରିଛି । ତେଣୁ ଗୋଟିଏ ଫିଲ୍ମର ସଫଳତା କେବଳ ଯେ, ଏହାର କାହାଣୀ ପାଇଁ ହୁଏ, କୁହାଯାଇପାରିବ ନାହିଁ; କଳାକାରଙ୍କ ଅଭିନୟ, ସିନେମା ହଲ, ଭଲ କାମ ଉପରେ ନିର୍ଭର କରେ । ତେବେ କମ୍‌ବଜେଟ୍‌ର ଫିଲ୍ମର ହିଟ୍ ହେବାର ମୁଖ୍ୟ କାରଣ କ'ଣ ଫିଲ୍ମ ନିର୍ଦ୍ଦେଶକ, ପ୍ରଯୋଜକଙ୍କଠାରୁ ଜାଣିବା... ।

# ବାସ୍ତବଧର୍ମୀ ଫିଲ୍ମ ଦର୍ଶକଙ୍କ ପ୍ରଥମ ପସନ୍ଦ



## 'କମ୍ ଲୋକେସନ୍ ଓ କମ୍ କଳାକାରରେ ହିଟ୍ ଫିଲ୍ମ'

ଚଳଚ୍ଚିତ୍ରର ବଜେଟ୍, କାହାଣୀ ଅନୁସାରେ ଖର୍ଚ୍ଚ ହୁଏ । କେହି କେବେ ବଡ଼ ବଜେଟ୍ ଫିଲ୍ମ ନିର୍ମାଣ ବୋଲି ଭାବିନଥାନ୍ତି । ବରଂ କାହାଣୀ ଡିମାଣ୍ଡ ଯଦି କରିବ ପାହାଡ଼, ଗୁମ୍ଫା, ଝରଣା ଆଦି ସ୍ଥାନରେ ଯାଇ ସୁଟିଂ କରିବାକୁ ତେବେ ବଳେ ବଳେ ଖର୍ଚ୍ଚ ବଢ଼ିଥାଏ । ତେବେ ୬୦ ଦଶକରୁ ହୃଷୀକେଶ ମୁଖାର୍ଜୀ, ବାସୁ ଚାଟାର୍ଜୀ, ବାସୁ ଭଟ୍ଟାଚାର୍ଯ୍ୟ କମ୍ ବଜେଟ୍‌ରେ ହିଟ୍ ଫିଲ୍ମ କରିବାର ପରମ୍ପରା ଆରମ୍ଭ କରିଥିଲେ । ପରେ ରାଜଶ୍ରୀ ପ୍ରଡକ୍ସନର 'ନଦିଆ କେ ପାର୍' ହେଉ କି 'ଗୀତ ଗାଥା ଚଲ୍', ଗୁଲଜାରଙ୍କ 'ମେରେ ଆପନେ' କି 'ମାଚିସ୍' ବା ସମ୍ପ୍ରତି ଆୟୁଷ୍ମାନ ଖୁରାନାଙ୍କ 'ଅନ୍ଧାଧୁନ୍' କମ୍ ବଜେଟ୍‌ରେ ହୋଇ ବି ଅଧିକ ହିଟ୍ ରହିଛି । ଅନ୍ୟପଟେ ୬୦ରୁ ୭୦ ଦଶକରେ ଓଡ଼ିଆ ସିନେମା ସାମାଜିକ କଥାବସ୍ତୁରେ କମ୍ ଲୋକସେନ୍, ପ୍ରାକୃତିକ ପରିବେଶ ଯଥା- ଗାଁ ଗହଳି, ନଈକୂଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ସୁଟିଂ ହେଉଥିଲା । ଦର୍ଶକ ମଧ ଏହି ଫିଲ୍ମ ଦେଖୁଥିଲେ । ଉଦାହରଣ ସ୍ୱରୂପ ଫିଲ୍ମ 'କନ୍ୟାଦାନ'ର ରୂପାନ୍ତରଣ ମୁଁ ସମ୍ପୂର୍ଣ୍ଣ ଗାଁରେ କରିଥିଲି । ସେହିପରି 'ସାକ୍ଷୀ ରହିବ ମୋ ଶଙ୍ଖା ସିନ୍ଦୂର', 'କଥା କହିବ ମୋ ମଥା ସିନ୍ଦୂର', 'ଘର ମୋର ସ୍ୱର୍ଗ' ଏମିତି ଅନେକ ଫିଲ୍ମ କମ୍ ବଜେଟରେ କରି ଦର୍ଶକ ଭଲ ପାଇବା ପାଇଛି । ଏବେ ଅଧିକାଂଶ ଫିଲ୍ମ ନିର୍ମାତା ଆମ ରାଜ୍ୟର ପ୍ରାକୃତିକ ସ୍ଥାନରେ ସୁଟିଂ ନ କରି 'ରାମୋଜି ଫିଲ୍ମ ସିଟି' ବା ଲଦ୍ଦାଖ୍ ଆଦି ସ୍ଥାନରେ ଗୀତ ସୁଟିଂ କରିବା ସହ ଫାଇଟିଂରେ ଅଧିକ ଗିମିକ୍ସ ବ୍ୟବହାର କରୁଛନ୍ତି ଏଥିପାଇଁ ଗ୍ରାଫିକ୍ସ ଓ କମ୍ପ୍ୟୁଟରାଇଜ୍ ପାଇଁ ଅଧିକ ଖର୍ଚ୍ଚ ହୁଏ । ଯିବା ଆସିବା, ଖାଇବା, ସେଠାରେ ରହିବା ପାଇଁ ଖର୍ଚ୍ଚକୁ ନିଜେ ନିର୍ଦ୍ଦେଶକ ଓ ପ୍ରଯୋଜକ ହିଁ ବଢ଼ାଉଛନ୍ତି । କିନ୍ତୁ କାହାଣୀରେ କମ୍ କଳାକାର , କମ୍ ଲୋକେସନ୍, କମ୍ ଫାଇଟିଂ ଓ କମ୍ ଗୀତକୁ ନେଇ ବାସ୍ତବ କାହାଣୀକୁ ନେଇ ଫିଲ୍ମ କଲେ ହିଁ ଦର୍ଶକ ଗ୍ରହଣ କରିବେ । ସେହିପରି ଚଳଚ୍ଚିତ୍ରର ଅବଧି ୨ ଘଣ୍ଟାରୁ ୨ ଘଣ୍ଟା ୧୫ ମିନିଟ୍ ଭିତରେ ରହିଲେ ବଜେଟ୍ କମ୍ ରହିବ । ■

**ଅରୁଣ ମହାନ୍ତି**, ପ୍ରଯୋଜକ, ନିର୍ଦ୍ଦେଶକ ଓ ସଙ୍ଗୀତ ନିର୍ଦ୍ଦେଶକ



## 'ସୃଜନଶୀଳତା ହିଁ ସିନେମାର ପ୍ରକୃତ ପରିଚୟ'

ଅଭିନବ ଚିନ୍ତାଧାରା, ବାସ୍ତବଧର୍ମୀ କାହାଣୀ ଓ ଜୀବନ୍ତ ଅଭିନୟ ମାଧ୍ୟମରେ କମ୍ ବଜେଟ୍‌ର ଫିଲ୍ମ ଦର୍ଶକଙ୍କ ଦ୍ଵାରା ଆଦୃତ ହୁଏ । ତେଣୁ କମ୍ ବଜେଟ୍‌ର ଫିଲ୍ମ ହାଇ ବଜେଟ୍‌ରେ ତିଆରି ହେଉଥିବା ଫିଲ୍ମଠାରୁ ଭଲ ହୋଇପାରିବ ଏବଂ ଦର୍ଶକଙ୍କ ଦ୍ୱାରା ବହୁମାତ୍ରାରେ ଆଦୃତ ହୋଇପାରିବ । ସେଥିପାଇଁ ଦରକାର ଅଭିନବ ଚିନ୍ତାଧାରା । କାରଣ ସୃଜନଶୀଳତା ହିଁ ହେଉଛି ସିନେମାର ପ୍ରକୃତ ପରିଚୟ, ଏହାକୁ ବିଶ୍ୱର ଅନେକ ଫିଲ୍ମ ନିର୍ମାତା ମଧ ପ୍ରମାଣିତ କରିସାରିଛନ୍ତି । ଦର୍ଶକ କେବେ ବି ବଜେଟ ଦେଖିକି ଫିଲ୍ମ ଦେଖିବାର ନିଷ୍ପତ୍ତି ନିଅନ୍ତି ନାହିଁ । ଜୀବନ୍ତ କାହାଣୀ, ଚରିତ୍ର ଓ ସଂଳାପ ମଧ ଦମ୍‌ଦାର ହେବା ଜରୁରି । ଏହାକୁ ହୃଦୟଙ୍ଗମ କରି ଅନେକ ଫିଲ୍ମ ନିର୍ମାତା କମ୍ ବଜେଟ୍‌ରେ ସିନେମା କରିବା ପ୍ରକ୍ରିୟା ଜାରି ରଖିଛନ୍ତି । ଅତୀତରେ ଖୁବ୍ କମ ବଜେଟ୍‌ର ଚଳଚ୍ଚିତ୍ର ଲାଭାନ୍ୱିତ ହୋଇଥିବା ଉଦାହରଣ ମଧ ରହିଛି । ତେଣୁ ପ୍ରତ୍ୟେକ କାହାଣୀ ଦର୍ଶକଙ୍କ ପାଖରେ ପହଞ୍ଚୁଥିବାରୁ ବାସ୍ତବ କାହାଣୀ କରିବା ଉପରେ ଫିଲ୍ମ ନିର୍ମାତା ଧ୍ୟାନ ଦେବା ଦରକାର । ■

**ଦେବୀ ପ୍ରସାଦ ଲେଙ୍କା**, ନିର୍ଦ୍ଦେଶକ, 'ଦମନ'





## 'ନିର୍ଦ୍ଦିଷ୍ଟ ବଜେଟ୍‌ରେ ଭଲ ସିନେମା ହୋଇପାରିବ'

ଅଳ୍ପ ଖର୍ଚ୍ଚରେ ସିନେମା କରିଲେ ଭଲ ବ୍ୟବସାୟ ନିଶ୍ଚୟ ମିଳିବ । କାରଣ ଓଡ଼ିଆ ସିନେମା ମୌଳିକ କାହାଣୀ ବା ଭଲ କାହାଣୀରେ ହିଁ ଅଧିକ ବ୍ୟବସାୟ କରେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି 'ପୁଷ୍କରା', 'ପ୍ରତୀକ୍ଷା', 'ଦମନ' ପରି ଚଳଚ୍ଚିତ୍ର । ତେଣୁ ଫିଲ୍ମ ନିର୍ମାତାମାନେ ଅଧିକ ଯତ୍ନବାନ ହୋଇ ଓଡ଼ିଆ ସିନେମା ନିର୍ମାଣରେ ମନ ଦେଲେ ନିଶ୍ଚୟ ଓଡ଼ିଆ ସିନେମା ସଫଳତାର ଶୀର୍ଷ ଛୁଇଁବ । ତେଣୁ ଓଡ଼ିଆ ପ୍ରଯୋଜକମାନେ ସିନେମା କଲେ ସେ ସମ୍ପର୍କରେ ସାମ୍ୟକ୍ ଜ୍ଞାନ ଆହରଣ କଲେ ନିର୍ଦ୍ଦିଷ୍ଟ ବଜେଟ୍ ମଧ୍ୟରେ ଭଲ ସିନେମା ହୋଇ ପାରିବ । ଏଥିପାଇଁ ଦକ୍ଷତାର ଆବଶ୍ୟକତା ରହିଛି । ■


**ଲୁଟୁ ମହାନ୍ତି**, ପ୍ରଯୋଜକ



## 'ଦର୍ଶକଙ୍କ ପସନ୍ଦରେ ଆସିଛି ପରିବର୍ତ୍ତନ'

ଛୋଟ କି ବଡ଼ ଫିଲ୍ମ କିଛି ନଥାଏ, କାହାଣୀ ଓ କନ୍‌ସେପ୍ଟ ଉପରେ ହିଁ ଫିଲ୍ମ ନିର୍ଭରଶୀଳ । ତେଣୁ କାହାଣୀ ଓ କନ୍‌ସେପ୍ଟ ଡିମାଣ୍ଡ ଅନୁସାରେ ହିଁ ବଜେଟ୍ ହୋଇଥାଏ । କାହିଁକିନା ୩୦ ଲକ୍ଷ ବଜେଟ୍‌ରେ ନିର୍ମିତ ଫିଲ୍ମ ଯେଉଁଠି ହିଟ୍ ହୋଇଛି, ସେଠାରେ କୋଟିଏ ଟଙ୍କା ବ୍ୟୟର ଫିଲ୍ମ ଫ୍ଲପ୍ ହେବା ନଜର ରହିଛି । ନିକଟରେ ଓଡ଼ିଆ ଫିଲ୍ମ 'ପ୍ରତୀକ୍ଷା' ଏହାର ଜ୍ୱଳନ୍ତ ଉଦାହରଣ । ମାତ୍ର ୩୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚରେ ଏହି ଫିଲ୍ମଟି ଦୀର୍ଘ ୫୦ ଦିନ ଯାଏଁ ପ୍ରେକ୍ଷାଳୟରେ ଚାଲିଥିଲା । ଭଲ ବ୍ୟବସାୟ କରିବା ସହ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଥିଲା । ସେହିପରି ଟିଭିରେ ପ୍ରସାରିତ ଅର୍ଚ୍ଚିତାଙ୍କ ଅଭିନୀତ 'ନମସ୍ତେ କମଳା ମାଗୋ' ଅଳ୍ପ ଖର୍ଚ୍ଚରେ ନିର୍ମାଣ ହେଲେ ବି ଏହା ଭଲ ଟିଆରପି ପାଇଥିଲ । କମ୍ ବଜେଟ୍ ଖର୍ଚ୍ଚରେ 'କାନ୍ତରା' ମଧ ୧୦୦ କୋଟିର କ୍ଲବ୍‌ରେ ସାମିଲ ହୋଇଥିଲା । ଗୋଟିଏ କଥା ସ୍ପଷ୍ଟ ଯେ, ଦର୍ଶକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି । କାରଣ ବଡ଼ ବଜେଟ୍ କି କଳାକାର ନୁହେଁ, ଦର୍ଶକ କନସେପ୍ଟ ଓ ନିଜସ୍ୱ କାହାଣୀକୁ ପ୍ରାଧାନ୍ୟ ଦେଉଛନ୍ତି । ବଡ଼ ବଜେଟର ଫିଲ୍ମ କଲେ ଲୋକ ଏହାକୁ ଦେଖିବେ, ଏଡି ଚିନ୍ତାଧାରା ଛାଡ଼ି ଦର୍ଶକକୁ ଆପଣାର ଅନୁଭବ ଦେଉଥିବା ପରି କାହାଣୀ କରିବା ଦ୍ୱାରା ଫିଲ୍ମ ହିଟ୍ ହେବ । ■

**ପ୍ରଣୟ ଜେଠୀ**, କ୍ରିଏଟିଭ୍ ମୁଖ୍ୟ, ମିଡିଆ ପ୍ଲାନର୍



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ତାରାଙ୍କ ଖୁସିର ସୀମା ନାହିଁ

ରାଜ୍ୟ ହାତମଠର ଅନ୍ୟତମ ପୁରୁଖା ଶିଷ୍ୟ ତାରାପ୍ରସାଦ ଖୁସି ଏବେ କହିଲେ ନ ସରେ । ଢେର ଦିନ ପରେ ଦଳରେ ତାଙ୍କର ପତିଆରା କୁଆଡ଼େ ଆକାଶ ପରି ଉଚ୍ଚକୁ ଛୁଇଁଛି । ଯେଉଁମାନେ ତାଙ୍କ ଚେର କାଟିବାକୁ ଯୋଜନା କରୁଥିଲେ, ସେମାନଙ୍କ ଅବସ୍ଥା ଦେଖି ତାରା ଏବେ ଗଦ୍‌ଗଦ୍ ହୋଇ ପଡ଼ିଛନ୍ତି । ଏମିତିକି ଭାଷଣ ଦେବା ବେଳେ ନିଜ ଉପରେ ନିୟନ୍ତ୍ରଣ ବି ରଖି ପାରୁନାହାନ୍ତି । ଅବଶ୍ୟ ତାରାଙ୍କ ଖୁସି କାରଣ ଅନେକ । ରାଜ୍ୟ ପ୍ରଭାରୀ ଚେଲ୍ଲାଙ୍କ ପ୍ରତ୍ୟାଗମନ ପରେ ନବାଗତ ପ୍ରଭାରୀ ଅଜୟ କୁମାର ତାରାଙ୍କ ଉପରେ ଆଶୀର୍ବାଦ ବର୍ଷା କରିଦେଇଛନ୍ତି । ତାରାଙ୍କ ପତ୍ନୀ ମିନାକ୍ଷୀଙ୍କୁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ପଦକୁ ପଦୋନ୍ନତି ହୋଇଛି । ରାଜ୍ୟ ହାତ ମଠ ମହନ୍ତ ଯେଉଁ ମିନାକ୍ଷୀଙ୍କୁ ଜିଲ୍ଲା ସଭାନେତ୍ରୀ ପଦରୁ ବିଦା କରିଥିଲେ, ସେହି ମିନାକ୍ଷୀ ଏବେ ମହିଳା କଂଗ୍ରେସର ରାଜ୍ୟ ମୁଖିଆ । ଅନ୍ୟପକ୍ଷରେ ରାହୁଲଙ୍କ ଗସ୍ତ ସମୟରେ ମଞ୍ଚରେ ତାରା ପତିଆରା ଦେଖାଇଛନ୍ତି । ସଭାମଞ୍ଚରେ ଭାଷଣ ଦେଉଥିବା ତାରା ଓ ରାହୁଲଙ୍କ ମଧ୍ୟରେ ଭାବ ବିନିମୟ ଓ ହାତ ମିଳାମିଶା ଘଟଣା ଦଳର ଅନେକଙ୍କ ପାଇଁ ଗାତ୍ରଦାହ ହୋଇଛି । ରାହୁଲଙ୍କ ପଦଯାତ୍ରା ପରେ ରାଜ୍ୟ କଂଗ୍ରେସରେ ଆଉ କେହି ଲାଭବାନ ହୁଅନ୍ତୁ କି ନ ହୁଅନ୍ତୁ; ତାରା କୁଆଡ଼େ ନିଜକୁ ବେଶ୍ ଶକ୍ତିଶାଳୀ ମନେ କରୁଥିବା ମାଷ୍ଟରକ୍ୟାଣ୍ଟିନ ମଠରେ ଭାରି ଚର୍ଚ୍ଚା । ଏପରିକି ଗିରିଧରଙ୍କ ପରି ବରିଷ୍ଠ ନେତାଙ୍କ ଭବିଷ୍ୟତ ବି କୁଆଡ଼େ ତାରାଙ୍କ ସୁପାରିସ ଉପରେ ନିର୍ଭର କରୁଛି ବୋଲି କେହିକେହି କହିଲେଣି । ସେଥିପାଇଁ ତାରାଙ୍କ ଖୁସିର ସୀମା ନାହିଁ, ଆଉ ମନ କୁଆଡ଼େ ମନପବନ ଘୋଡ଼ା ପରି ଆକାଶରେ ଉଡୁଛି । ■



## ଭାବପ୍ରବଣ ନରସିଂହ

ଚଳିତ ବିଧାନସଭାର ଅନ୍ତିମ ଅଧିବେଶନ ଶେଷ ହୋଇଛି । ଆଉ କେଇ ସପ୍ତାହ ପରେ ନିର୍ବାଚନ ହେବ ଓ ବିଧାନସଭାକୁ ନୂଆ ବିଧାୟକ ନିର୍ବାଚିତ ହେବେ । ମାତ୍ର ଚଳିତ ବିଧାନସଭାରୁ କେତେ ବିଧାୟକ ପୁଣି ପ୍ରତ୍ୟାବର୍ତ୍ତନ କରିବେ ତାହା କାହାକୁ ଜଣାନାହିଁ । ଶାସକ ବିଜେଡି, ବିରୋଧୀ କଂଗ୍ରେସ ଓ ବିଜେପିର ଅନେକ ବିଧାୟକଙ୍କ ପାଇଁ ଚଳିତ ବିଧାନସଭା ହୁଏତ ଶେଷ ବିଧାନସଭା ହୋଇପାରେ । କିଛି ବିଧାୟକ ତ ନିଜ ଆଡୁ ଆଉ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଘୋଷଣା କରିଛନ୍ତି । ଆଉ କିଛି ବୟସାଧିକ ଯୋଗୁ ଟିକେଟ ପାଇବା ଓ ବିଜୟକୁ ନେଇ ଏବେ ସନ୍ଦୀହାନ । କିଛି ପୁଣି ପୁଅଙ୍କୁ ଉତ୍ତରାଧିକାରୀ ଘୋଷଣା କରି ସାରିଲେଣି । ମାତ୍ର ହାତ ଦଳର ପୁରୁଖା ନେତା ନରସିଂହ ଶେଷ ବିଧାନସଭାରେ ସୃଷ୍ଟି କରିଥିବା ପରମ୍ପରା ପାଇଁ ଅନେକ ତାଙ୍କୁ ପ୍ରଶଂସା କରିଛନ୍ତି । ଶେଷ ଅଧିବେଶନରେ ନରସିଂହ ଭାବପ୍ରବଣ ହୋଇ ସମସ୍ତଙ୍କୁ କ୍ଷମାପ୍ରାର୍ଥନା କରିବାକୁ ଶାସକ ଓ ବିରୋଧୀ ସଦସ୍ୟମାନେ ଢ଼େର ପ୍ରଶଂସା କରିଛନ୍ତି । ୧୯୯୦ ମସିହାରୁ ସେ ବିଧାନସଭାକୁ ନିର୍ବାଚିତ ହୋଇ ଆସିଛନ୍ତି । ମନ୍ତ୍ରୀ, ବିରୋଧୀ ଦଳ ନେତା ଭାବରେ ବିଧାନସଭାରେ ଢ଼େର ଦିନ ଅତିବାହିତ କରିଛନ୍ତି । ବିଧାନସଭାରେ ନିଜ ଦଳର ନେତା ଭାବରେ ବି କାର୍ଯ୍ୟ କରିଛନ୍ତି । ଏହି ସମୟରେ ଯଦି ସେ କାହାର ଭାବନାକୁ ଆଘାତ ଦେଇଥିବେ ସେଥିପାଇଁ ବିଧାନସଭାରେ ସେ କ୍ଷମାପ୍ରାର୍ଥନା କରି ଆଗାମୀ ଦିନରେ ଭଲ ପ୍ରତିନିଧି ବିଧାନସଭାକୁ ଆସିବେ ବୋଲି ଆଶା କରୁଛନ୍ତି ବୋଲି କହି ଭାବପ୍ରବଣ ହୋଇ ଯାଇଥିଲେ ନରସିଂହ । ■



## ଗଙ୍ଗଦେବଙ୍କ ପ୍ରତ୍ୟାବର୍ତ୍ତନ

ଢେର ଦିନ ନିଖୋଜ ପରେ ରାଜନୀତି ମଞ୍ଚକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ପଦ୍ମ ଫୁଲିଆ ସମ୍ବଲପୁରୀ ସାଂସଦ ନୀତେଶ । ନିକଟରେ ସମ୍ବଲପୁରରେ 'ମୋଦୀ ଗ୍ୟାରେଣ୍ଟି' ସମାବେଶରେ ନୀତେଶଙ୍କ ଦର୍ଶନ ପରେ ତାଙ୍କ ନିଖୋଜ ଗୁଜବରେ ଯବନିକା ପଡ଼ିଛି । ତାଙ୍କର ଉପସ୍ଥିତି ତାଙ୍କ ସମର୍ଥକଙ୍କୁ ଆଶ୍ୱସ୍ତ କରିଛି । ଶୁଣିବା କଥା ହେଲା ନିର୍ବାଚନମଣ୍ଡଳୀ ତ ଦୂରର କଥା, ଦେବଗଡ଼ ରାଜଉଆସରେ ବି କୁଆଡ଼େ ଢ଼େର ଦିନ ହେଲା ନୀତେଶଙ୍କ ଛାଇ ପଡ଼ି ନ ଥିଲା । ତାଙ୍କ ପତିଆରା ନଷ୍ଟ କରିବାକୁ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଇଙ୍ଗିତରେ ଦେବଗଡ଼ର ସାନିଟାଇଜର ପାଣିଗ୍ରାହୀ ଯେପରି ଷଡ଼ଯନ୍ତ୍ର କଲେ ତାହା କୁଆଡ଼େ ନୀତେଶଙ୍କୁ ଭାରି ବାଧିଥିଲା । ସେଥିପାଇଁ ସେ ସମ୍ପୂର୍ଣ୍ଣ ନିରବ ହୋଇ ଯାଇଥିଲେ । ନୀତେଶ କେଉଁଠି ଅଛନ୍ତି, କ'ଣ କରୁଛନ୍ତି ସେ ସମ୍ପର୍କରେ ରାଜଉଆସର କର୍ମଚାରୀ, ତାଙ୍କ ରାଜନୈତିକ ପ୍ରତିନିଧି, ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ପାଖରେ କାଳେ କିଛି ଖବର ନ ଥିଲା । ସେହି କେନ୍ଦ୍ରମନ୍ତ୍ରୀଙ୍କ ଅନୁଗତ ଗୋଷ୍ଠୀ ନୀତେଶ ମହାରାଷ୍ଟ୍ରରେ ରହୁଥିବା ଚର୍ଚ୍ଚା କରୁଥିବାବେଳେ ପାଣିଗ୍ରାହୀ ଏଣ୍ଡ କୋଃ ଦିଲ୍ଲୀରେ ତାଙ୍କ ଠାବ ବୋଲି ଗୁଜବ ପ୍ରଚାର କରିଥିବା ବି ଶୁଣାଯାଉଥିଲା । ମାତ୍ର ଏବେ ନୀତେଶଙ୍କ ଆବିର୍ଭାବ ସବୁ ଗୁଜବରେ ପାଣି ପକାଇ ଦେଇଛି, ଆଉ ତାଙ୍କର ବିରୋଧୀ ଗୋଷ୍ଠୀଙ୍କ ପାଇଁ ଶିରପୀଡ଼ା ପାଲଟିଛି । ଆଗାମୀ ନିର୍ବାଚନରେ ତାଙ୍କୁ ଟିକେଟ ମିଳିବ କି ନାହିଁ; ସେ କଥା ଆମକୁ ଜଣାନାହିଁ । ମାତ୍ର ସମ୍ବଲପୁରରୁ ପଦ୍ମ ଟିକେଟରେ ଲଢ଼ିବାକୁ ସଜବାଜ ହେଉଥିବା ନେତା ଜଣକ ନୀତେଶଙ୍କ ଭାବମୂର୍ତ୍ତିକୁ ଭାଙ୍ଗିବାକୁ ନିଜର କିଛି ଘନିଷ୍ଠ ଅନୁଗତଙ୍କୁ ଲଗାଇ ଦେଇଥିବା ଶୁଣିବାକୁ ମିଳୁଛି । ■



## ପଦ୍ମ ଦଳର ଦୁର୍ଜନ

ପଦ୍ମ ଦଳିଆ ପୁରୁଖା ନେତା ସଜ୍ଜନ ଶର୍ମା ଜଣେ ଭଦ୍ର ଲୋକ ବୋଲି କେହିକେହି କହନ୍ତି । ମାତ୍ର ନିକଟରେ ତାଙ୍କର ଏକ ଫେସବୁକ୍ ପୋଷ୍ଟ ତାଙ୍କୁ ଯେପରି ସଜ୍ଜନ ପରିବର୍ତ୍ତେ ଦୁର୍ଜନରେ ପରିଣତ କରିଛି ତାହାକୁ ନେଇ ରାମମନ୍ଦିର ଆଖଡ଼ାରେ ଭାରି ଚର୍ଚ୍ଚା । ରାଜନୀତିରେ ପ୍ରତିପକ୍ଷଙ୍କୁ ସମାଲୋଚନା କରିବା ଏକ ସ୍ୱାଭାବିକ ପ୍ରକ୍ରିୟା । ଏଥିରେ କେହି ଦ୍ୱିମତ ହେବେ ନାହିଁ କି ଆପତ୍ତି କରିବେ ନାହିଁ । ମାତ୍ର ପ୍ରତିପକ୍ଷ ରାଜନେତାଙ୍କୁ ଆକ୍ଷେପ କରିବାକୁ ଯାଇ ତାଙ୍କ ପିଲାମାନଙ୍କ ପ୍ରତି ଇଙ୍ଗିତ କରିବାକୁ ରାଜ୍ୟର ଲୋକମାନେ କଦାପି ଗ୍ରହଣ କରିନାହାନ୍ତି କି କରିବେ ନାହିଁ । ଯେଉଁଥିପାଇଁ ଫେସ୍‌ବୁକ୍‌ରେ ସଜ୍ଜନ ସାଧାରଣ ଜନତା, ଏପରିକି ନିଜ ଦଳର ଲୋକଙ୍କ ନିକଟରେ ଏବେ ଦୁର୍ଜନରେ ପରିଣତ ହୋଇ ଯାଇଛନ୍ତି । ଲୋକମାନେ ତାଙ୍କ ଫେସ୍‌ବୁକ୍ ପୋଷ୍ଟକୁ ନେଇ ଯେପରି ନକରାତ୍ମକ ଟିପ୍ପଣୀ ଦେଇଛନ୍ତି ତାହା ଏଠାରେ ଉଲ୍ଲେଖ କରାଯାଇ ପାରିବ ନାହିଁ । ଅବଶ୍ୟ ଏହି ପରମ୍ପରା ତାଙ୍କ ଦଳ ବହୁ ଆଗରୁ ଆରମ୍ଭ କରି ସାରିଛି । ପଦମ୍‌ପୁର ଓ ଝାରସୁଗୁଡ଼ା ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବର୍ଷା ଓ ଦୀପାଳିଙ୍କ ପ୍ରତି ତାଙ୍କ ଦଳର ନେତାମାନେ ଅଭଦ୍ରାମୀର ସୀମା ଟପି ଯାଇଥିବା ଉଦାହରଣ ଅନେକ । ଯାହାର ପ୍ରତିଫଳ ତାଙ୍କ ଦଳକୁ ଓ ଦଳୀୟ ନେତାଙ୍କୁ ଭୋଗିବାକୁ ପଡ଼ିଛି । ଏଥିରୁ ସଜ୍ଜନ ବା ତାଙ୍କ ଦଳର ନେତାମାନେ ଏଯାଏ କିଛି ଶିଖିଥିବା ପରି ମନେ ହେଉନାହିଁ । ସ୍କୁଲରେ ପଢୁଥିବା ଜଣେ ଛୋଟ ପିଲାର ଫଟୋ ପୋଷ୍ଟ କରି ଯେପରି ଟିପ୍ପଣୀ ଦେଇଛନ୍ତି ତାହା କେବଳ ବାଚାଳାମୀ ନୁହେଁ, ଚରମ ଅଭଦ୍ରାମୀ । ଏ କଥା ତାଙ୍କ ପରି ଜଣେ ବରିଷ୍ଠ ନେତାଙ୍କୁ କ'ଣ ବୁଝାଇବାକୁ ପଡ଼ିବ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।